# ବ୍ୟାସ ସରୋବର ଉନ୍ନୟନ କାର୍ଯ୍ୟର ତଦାରଖ

**ଯାଜପୁର ଅଫିସ,୨୧।୪ :**


ନୁରୁଗାଁଠାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି ସଚିବ ଓ ଜିଲାପାଳ।

- ଅନିୟମିତତା ଉପରେ ପଡ଼ିଲାନି ନଜର
- ସମୀକ୍ଷା ବୈଠକରେ ପ୍ରକଳ୍ପଗୁଡ଼ିକ ଶୀଘ୍ର ସାରିବାକୁ ଗୁରୁତ୍ୱାରୋପ
- ରୁଢ଼ିଆ, ଷଠିପୁରରେ ନିର୍ମାଣାଧୀନ ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ଅନୁଷ୍ଠାନ

ଯାଜପୁର ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ(ଏସ୍ଏସ୍ଇପିଡି) ସଚିବ ଭାସ୍କରଜ୍ୟୋତି ଶର୍ମା ଫେରି ଯାଇଛନ୍ତି। ସେଥିରୁ ପ୍ରାୟ ୬୪ କୋଟି ଟଙ୍କାର ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍)ରୁ ନିର୍ମାଣାଧୀନ ବ୍ୟାସ ସରୋବର ଉନ୍ନୟନ କାର୍ଯ୍ୟ ଶୀଘ୍ର ସାରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଜଙ୍ଗଲ ଜମିରେ ନିର୍ମାଣ ଚାଲିଥିବା ଅଭିଯୋଗରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ବିଚାରାଧୀନ ରହିଛି। ପୂର୍ବରୁ ଜଙ୍ଗଲ ଜମିରୁ ଅଣ ଜଙ୍ଗଲ ଜମି ଭାବେ କିସମ ପରିବର୍ତ୍ତନ ହୋଇଥିବା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଜୋରସୋର ଚାଲିଛି। ହେଲେ ପୂର୍ବ ପ୍ରସ୍ତୁତ ଏଷ୍ଟିମେଟ ଅନୁସାରେ ପୋଖରୀ ଖନନରେ ଗଭୀରତା ଓ ଆୟତନରେ ଅନିୟମିତତା ଏବଂ ୪ ଲେନ ରାସ୍ତା ବଦଳରେ ଏକମାତ୍ର ଲେନ ରାସ୍ତା ନିର୍ମାଣ ହେଉଛି। ଏଥିରେ ପ୍ରାୟ ୫ କୋଟି ଟଙ୍କା ରାଜନୈତିକ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଭାଗବଣ୍ଟା ହୋଇଥିବା ନେଇ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏଭଳି ଅନିୟମିତାର ତଦନ୍ତ ନ କରି ଶୀଘ୍ର କାମ ସାରିବାକୁ ସଚିବ ପରାମର୍ଶ ଦେଇଛନ୍ତି।

ସଚିବ ଶର୍ମା ଗତ ୧୮ ତାରିଖରେ ପାଣିକୋଇଲି ଠାରେ ପହଞ୍ଚିବା ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ତାଙ୍କୁ ସ୍ୱାଗତ କରିବା ସହ ସେଠାରେ ନିର୍ମାଣାଧୀନ ଟ୍ରମା କେୟାର ସେଣ୍ଟର ପରିଦର୍ଶନ କରିଥିଲେ। ପରେ ନୁରୁଗାଁଠାରେ ଇଣ୍ଡୋ ଇସ୍ରାଏଲ ସହଯୋଗରେ ସମନ୍ୱିତ ଉଦ୍ୟାନ କୃଷି ବିକାଶ ଯୋଜନା ଅନ୍ତର୍ଗତ ଆମ୍ବ ଓ ପରିବା ଚାଷ ପ୍ରକଳ୍ପ ବୁଲି ଦେଖିଥିଲେ। ଯାଜପୁର ରୋଡ୍‌ସ୍ଥିତ ନୂତନ ଭାବେ ନିର୍ମିତ ସଂସ୍କୃତି ଭବନ ଏବଂ ନୂତନ ଭାବେ ତିଆରି ମିଶନ ଶକ୍ତି ଭବନ ପରିଦର୍ଶନ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଏବଂ ଜଳସେଚନ ସହ ଅନ୍ୟାନ୍ୟ ବିଭାଗ ଦ୍ୱାରା ଚାଲୁଥିବା ପ୍ରକଳ୍ପଗୁଡିକ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଅପରାହ୍ନରେ ସୁକିନ୍ଦାରେ ପହଞ୍ଚି ଡିଏମ୍ଏଫ୍ ପାଣ୍ଠି ସହାୟତାରେ ଏବଂ ପିପୁଲସ୍ ଫୋରମ ଦ୍ୱାରା ପରିଚାଳିତ ବେସାହାରା ଶିଶୁଙ୍କ ଥଇଥାନ, ଅବହେଳିତ ମହିଳା ତଥା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ସେହିପରି ମଙ୍ଗଳପୁର ସୁକିନ୍ଦାଠାରେ ଥିବା ଟସର ପଥଦର୍ଶୀ ପରିଯୋଜନା କେନ୍ଦ୍ର ପରିଦର୍ଶନ କରି ସୁକିନ୍ଦା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ବିଡିଓ ଏବଂ ତହସିଲଦାରଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କରିଥିଲେ । ଏହାବାଦ୍ ରୁଢ଼ିଆ ଓ ଷଠିପୁରଠାରେ ନିର୍ମାଣାଧୀନ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ଅନୁଷ୍ଠାନ, ଯାଜପୁର ଟାଉନ ସ୍ଥିତ କୁସୁମାଠାରେ ନିର୍ମାଣାଧୀନ ଖେଳ ପଡିଆ ପରିଦର୍ଶନ କରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ସମସ୍ତ ଯୋଜନା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

**ଯାଜପୁରରୋଡ୍,୨୧।୪(ଡି.ଏନ.ଏ.)**

ଯାଜପୁର ରୋଡ୍ ପୋଲିସ ବାଇକ୍ ଚୋରି ଅଭିଯୋଗରେ ୨ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ୨ଟି ଚୋରି ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଟାଉନ ଥାନା ନାରାୟଣୀ ଛକ ଅଞ୍ଚଳର ଦେବୀପ୍ରସାଦ ମହାନ୍ତି(୩୧) ଏବଂ ପାଣିକୋଇଲି ଥାନା ଅଳତିରି ଗ୍ରାମର ଆଶିଷ କୁମାର ପରିଡ଼ା(୨୬)।

ସୂଚନା ମୁତାବକ, ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଦାନିଆବର ଗ୍ରାମର ଅଙ୍କୁର ମଲ୍ଲିକ(୫୫)ଙ୍କ ବାଇକ୍ ନଂ.(ଓଡି-୩୪-ସି-୫୫୪୪)କୁ ତାଙ୍କ ପୁଅ ଗତ ବୁଧବାର ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରୁ କେହି ଦୁର୍ବୃତ୍ତ ବାଇକ୍‌ଟୁ ଚୋରି କରି ନେଇଥିଲେ। ଏନେଇ ଯାଜପୁର ରୋଡ୍ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୬୫/୨୩ରେ ଏକ ମାମଲା ରୁଜୁ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା କର୍ମଚାରୀଙ୍କ ସୂଚନା ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଉଭୟ ଅଙ୍କୁରଙ୍କ ବାଇକ ଚୋରି କରବା ସହିତ ୧୦-୧୫ ଦିନ ତଳେ ଯାଜପୁର ରୋଡ ଥାନା ଅଧୀନ ଯୋଗୀ ସାହି ଅଞ୍ଚଳରୁ ଏକ ସ୍କୁଟି ନଂ.(ଓଡି-୩୪-ଏଚ୍-୧୧୩୬) ଚୋରି କରିଥିବା ମାନି ଯାଇଥିଲେ। ଗାଡ଼ି ୨ଟିକୁ ମାଲିକମାନଙ୍କୁ ଦିଆଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରମାକାନ୍ତ


@ ବିଶ୍ୱଜିତ


@ ରାଜୀବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।






## ପୃଥକ୍ ଦୁର୍ଘଟଣାରେ ୨ ମୃତ

**ଛତିଆ,୨୧।୪ (ଡି.ଏନ.ଏ.)**

ଯାଜପୁର ଜିଲା ୧୬ନଂ. ଜାତୀୟ ରାଜପଥର ଛତିଆ ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଏହିକ୍ରମରେ ଶୁକ୍ରବାର ଭୋର୍ ସମୟରେ ଛତିଆ ଢିଅସାହି ନିକଟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ନେଳିଆ ପଞ୍ଚାୟତ ପଦ୍ମନାଭପୁର ଗ୍ରାମର ପପୁ ରାଉତ(୩୦)। ପପୁ ରାସ୍ତା ପାର ହେଉଥିବାବେଳେ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଛତିଆ ବିଟ୍ ହାଉସ ଅଧିକାରୀ ନାରାୟଣ ପ୍ରସାଦ ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ସେହିପରି ନେଳିଆ ପେଟ୍ରୋଲ ପମ୍ପ ନିକଟରେ କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସୁରେନ୍ଦ୍ର ସାହୁ(୪୫)ଙ୍କ ମୃତ୍ୟୁ ହୋଇଛି। ସେ ପେଟ୍ରୋଲ ପକାଇ ଘରକୁ ଫେରୁଥିବାବେଳେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗତ ପାଞ୍ଚ ଦିନ ଭିତରେ ଏଠାରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି।

## ଭୁଜାଲି ଚୋଟରେ ପୁଅ ମୃତ, ବାପା ଗୁରୁତର

### ଅଭିଯୁକ୍ତ ଗିରଫ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଯାଜପୁରରୋଡ୍,୨୧।୪(ଡି.ଏନ.ଏ.)**

ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଯଖପୁରା ପଞ୍ଚାୟତର ବଲୁଙ୍ଗାବନ୍ଧି ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଗଣେଶ ମଲ୍ଲିକ(୨୩) ଗାଁ ରାସ୍ତାରେ ଭୁଜାଲିରେ ଆକ୍ରମଣ କରି ସେହି ଗ୍ରାମର ସୁକାନ୍ତ ମଲ୍ଲିକଙ୍କ ସାନ ପୁଅ ମଦନ ମଲ୍ଲିକ(୨୩)ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସୁକାନ୍ତ ଗୁରୁତର ହୋଇଛନ୍ତି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗଣେଶ କୌଣସି କାରଣବଶତଃ ସୁକାନ୍ତଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ସୁକାନ୍ତ ଏହାକୁ ବିରୋଧ କରିଥିଲେ। ଫଳରେ ଗଣେଶ ରାଗିଯାଇ ସୁକାନ୍ତଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ସୁକାନ୍ତଙ୍କ ପୁଅ ଆସି ଗଣ୍ଡଗୋଳକୁ ବନ୍ଦ କରିଥିଲେ। ଝଗଡ଼ା ବନ୍ଦ ହୋଇଯାଇଥିଲା। ଉଭୟ ନିଜନିଜ ଘରକୁ ପଳାଇ ଯାଇଥିଲେ। ମାତ୍ର କିଛି ସମୟ ପରେ ଗଣେଶ ଏକ ଭୁଜାଲି ଆଣି ସୁକାନ୍ତ ଓ ତାଙ୍କ ପୁଅ ମଦନଙ୍କୁ ଭୁଜାଲିରେ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ମଦନଙ୍କ ମୃତ୍ୟୁ ହୋଇ ଯାଇଥିଲା। ସୁକାନ୍ତ ଗୁରୁତର ହୋଇଥିଲେ। ତାଙ୍କୁ ଦନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଯାଜପୁର ରୋଡ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ କରିବା ସହିତ ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୧୬୬/୨୩ରେ ଏକ ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।


ମଦନ ମଲ୍ଲିକ






## ଶହୀଦ ଦେବାଶିଷଙ୍କ ପରିବାର ୨୫ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** ଜମ୍ମୁ-କଶ୍ମୀରର ପୁଞ୍ଚରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହିତ ଦେବାଶିଷଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହ ଭଗବାନ ସେମାନଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି।










# ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା

## ଅମଲାମାନଙ୍କ ବେତନରେ ଅସଙ୍ଗତି ବିରୋଧରେ ପ୍ରତିବାଦ


ଅମଲା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ଜଗତସିଂହପୁର ଅଫିସ, ୨୧।୪

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୧୭ରେ ଜାରି ବିଜ୍ଞପ୍ତି ଅନୁଯାୟୀ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପରିବର୍ତ୍ତେ ସ୍ନାତକ ସହ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ କରାଯାଇଥିଲ। ଏହାପରେ ଯେଉଁମାନେ କନିଷ୍ଠ ସହାୟକ ଭାବେ ଯୋଗଦେଲେ ସେମାନଙ୍କ ମୂଳ ଦରମା ୯,୩୦୦ ଟଙ୍କା ରଖାଯାଇଥିଲା। ଏଥିରେ ଗ୍ରେଡ ବାବଦରେ ପେ ୪,୨୦୦ ଟଙ୍କା ଧାର୍ଯ୍ୟ କରାଯିବା କଥା । କିନ୍ତୁ ଏ ପର୍ଯ୍ୟନ୍ତ ସରକାର ଏହା ପୂରଣ କରିନାହାନ୍ତି। ଦୀର୍ଘବର୍ଷ ହେଲା ଜିଲାସ୍ତରୀୟ ଅମଲାମାନଙ୍କ ବେତନରେ ଅସଙ୍ଗତି ଦୂର ପାଇଁ ବାରମ୍ବାର ଦାବି ହୋଇ ଆସୁଛି। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହାଦ୍ୱାରା ଅମଲାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଜଗତ୍‌ସିଂହପୁର ଜିଲାରେ ଦେଖିବାକୁ ମିଳିଛି। ଏଠାରେ ଜିଲା ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ ଓ ସଂଯୋଜକ ବିନୋଦ ବିହାରୀ ରଥଙ୍କ ନେତୃତ୍ୱରେ ସହରରେ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ବିଭାଗରୁ ଜିଲାସ୍ତରୀୟ ଅମଲାମାନେ ଯୋଗ ଦେଇ ବିକ୍ଷୋଭ କରିଥିଲେ। ଏହି ଶୋଭାଯାତ୍ରା ଜଗତ୍‌ସିଂହପୁର ଟାଉନ ହଲ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପ୍ରିଲ ୩୦ ସୁଦ୍ଧା ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟସ୍ତରରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତା'ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏହି ଆନ୍ଦୋଳନରେ ମିଳିତ ମଞ୍ଚ ଉପାଧ୍ୟକ୍ଷ ଦୁର୍ଗାପ୍ରସନ୍ନ ଦାସ, ଉପାଧ୍ୟକ୍ଷ ମନୋଜ କୁମାର ମଲ୍ଲିକ, ଓଡିଶା ରାଜସ୍ୱ ଅମଲା ସଂଘ ଜିଲା ଶାଖା ସଭାପତି ନିହାର ରଞ୍ଜନ ଦାସ, ନଳିନୀକାନ୍ତ ଓଝା, ପ୍ରଣୟ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ପାଲ, ରଶ୍ମିରଞ୍ଜନ ମନ୍ତ୍ରୀ, ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀ ହେମ୍ବ୍ରମ୍, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ସୂଚନା ଫଳକ, ୱେବ୍ ପୋର୍ଟାଲ ତଥ୍ୟରେ ତାଳମେଳ ରହୁନି

ନାଉଗାଁ,୨୧।୪(ସ୍ୱ.ପ୍ର.)



ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନାରେ ନିର୍ମାଣ କାର୍ଯ୍ୟ କରାଯାଉଛି। ମାତ୍ର ଅଧିକାଂଶ ପଞ୍ଚାୟତରେ ଗୋଟିଏ ପ୍ରକଳ୍ପ ପାଇଁ ବାରମ୍ବାର କାମ ହୋଇଥିବା ଦର୍ଶାଯାଇଛି। କିନ୍ତୁ ପ୍ରଥମ ପର୍ଯ୍ୟାୟ ପରେ ହୋଇଥିବା କାର୍ଯ୍ୟ ପାଇଁ କୌଣସି ସୂଚନାଫଳକ ଲଗାଯାଇ ନ ଥିବା ବେଳେ ବ୍ୟୟ ସମ୍ପର୍କରେ ମଧ୍ୟ ସବିଶେଷ ବିବରଣୀ ମିଳୁନାହିଁ। ଏପରି କି ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ କାମ ହୋଇଥିବା ନେଇ ସୂଚନାଫଳକରେ ଦର୍ଶାଯାଇଥିବାବେଳେ ୱେବ୍ ପୋର୍ଟାଲରେ ଏମ୍‌ଜିଏନ୍‌ଆରଜିଏସ୍‌ରେ ପୁନର୍ବାର କାମ ହୋଇଥିବା ଦର୍ଶାଯାଇଛି। ଫଳରେ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରୁନାହିଁ। ଏହାର ଉଦାହରଣ ଓଷକଣା ପଞ୍ଚାୟତର ପୁରୁଣା ଭଟଣା ବେଲବଣ ପୋଖରୀ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ପୋଖରୀ ଖନନ ପାଇଁ ସୂଚନାଫଳକରେ ତଥ୍ୟ ରହିଛି। ଏହି ଅନୁସାରେ ଉକ୍ତ କାର୍ଯ୍ୟ ପାଇଁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରୁ ୧ଲକ୍ଷ ୨୦ହଜାର ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ଏମ୍‌ଜିଏନ୍‌ଆରଇଜିଏସ୍ ପୋର୍ଟାଲ ତଥ୍ୟ ଅନୁସାରେ ବେଲବଣ ପୋଖରୀ ପାଇଁ ପୁନର୍ବାର ୬୩ ହଜାର ଟଙ୍କା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟୟ ହୋଇଥିବା ଦର୍ଶାଯାଇଛି। ଉକ୍ତ ଟଙ୍କାରେ ପୋଖରୀର କି କାର୍ଯ୍ୟ ହୋଇଛି ସେନେଇ କୌଣସି ତଥ୍ୟ ନାହିଁ। ଏ ସମ୍ପର୍କରେ ସୂଚନାଫଳକରେ ମଧ୍ୟ ଉଲ୍ଲେଖ ନାହିଁ। ଅପରପକ୍ଷେ ଏଠାରେ ସରକାରୀ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ନିୟମ ଅନୁଯାୟୀ, ପଞ୍ଚାୟତ ପୋଖରୀ ଖନନ ବା ପୁନରୁଦ୍ଧାର ପରେ ଏଥିରୁ ବାହାରୁଥିବା ମାଟି ପୋଖରୀ ଚତୁଃପାର୍ଶ୍ୱରେ ପକାଯାଇ ପ୍ରଶସ୍ତ ହୁଡ଼ା ତିଆରି କରାଯିବ। ଉକ୍ତ ହୁଡ଼ାରେ ବିଭିନ୍ନ ପ୍ରକାର ପନିପରିବା ଲଗାଯିବା ସହ ପୋଖରୀରେ ପଞ୍ଚାୟତ ତରଫରୁ ମାଛଚାଷ କରାଯାଇ ବିକ୍ରି କରାଯିବ। ଏହି ଅର୍ଥରେ ପଞ୍ଚାୟତର ପାଣ୍ଠି ସମୃଦ୍ଧ କରାଯିବ। କିନ୍ତୁ ବେଲବଣ ପୋଖରୀ ପୁନରୁଦ୍ଧାର ବେଳେ ବାହାରିଥିବା ମାଟି ପୋଖରୀ ହୁଡ଼ାରେ ପକା ନ ଯାଇ ନିକଟରେ ଥିବା ବେଲବଣ ମନ୍ଦିର ପରିସରକୁ ପୋତାଯାଇଛି। ଉକ୍ତ ମାଟିପୋତା ବାବଦରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧ ଲକ୍ଷ ୫୬ ହଜାର ୯୫୪ ବ୍ୟୟ ହୋଇଛି ବୋଲି ୱେବ୍ ପୋର୍ଟାଲରେ ଉଲ୍ଲେଖ ରହିଛି। କିନ୍ତୁ ମାଟିପୋତା ଯାଇଥିବା ସ୍ଥାନରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଗୋଟିଏ ପ୍ରକଳ୍ପ ନିର୍ମାଣ କରାଯାଇ କିପରି ୩ଟି କାମର ଖର୍ଚ୍ଚ ଦର୍ଶାଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ, ମୁଁ ଏ ସମ୍ପର୍କରେ ଅବଗତ ନାହିଁ। କ'ଣ ହୋଇଛି ପଞ୍ଚାୟତ ଯନ୍ତ୍ରୀଙ୍କଠାରୁ ବୁଝିବା ପରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭୂତି ଭୂଷଣ ଶତପଥୀଙ୍କୁ ପଚାରିବାରେ ପଞ୍ଚଦଶ ଅର୍ଥ କମିଶନରେ ଯେଉଁ ସୂଚନାଫଳକ ଲାଗିଛି ତାହା ଭୁଲ୍‌ରେ ଲଗାଯାଇଛି। ପ୍ରଥମେ ଏହି ଯୋଜନାରେ କାମ ହେବା ପାଇଁ ସୂଚନାଫଳକ ଲଗାଯାଇଥିଲା। ସେଥିରେ ଟଙ୍କା ନ ହେବାରୁ ପରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୁନର୍ବାର କାମ ହେଲା। ଏନେଇ ବାରମ୍ବାର ସୂଚନାଫଳକ ପରିବର୍ତ୍ତନ କରିବା ପାଇଁ କହିଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ ଏହା କରାଯାଇନାହିଁ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରମାକାନ୍ତ


@ ବିଶ୍ୱଜିତ


@ ରାଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




# ଚାଷୀଙ୍କ ଦ୍ୱାରା ଉଦ୍ଭାବିତ ଧାନ ବିହନର ଚାହିଦା ବଢୁଛି

ରଘୁନାଥପୁର,୨୧।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ନୂଆଗଡ଼ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟ ଲିଭ)ର ସମ୍ପାଦକ କ୍ଷେତ୍ରମୋହନ ବେହେରାଙ୍କ ସହଯୋଗରେ ଅଞ୍ଚଳର ୭ ଜଣ ଚାଷୀଙ୍କ ଦ୍ୱାରା ୭ ପ୍ରକାର ଧାନବିହନ ଉଦ୍ଭାବନ କରାଯାଇଛି। ଏହାକୁ ସରକାରୀ ମାନ୍ୟତା ମଧ୍ୟ ମିଳିଛି। ଏହି ଧାନ ବିହନ ଉପରେ ଚାଷୀମାନେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ବେହେରା କହିଛନ୍ତି। ସମ୍ପାଦକ ବେହେରାଙ୍କ ଦ୍ୱାରା ଉଦ୍‌ଭାବନ କରାଯାଇଥିବା ଲାଲ କୁବେର ଅବଧି ୧୩୫ ଦିନ, କାଦମ୍ବିନୀ ବେହେରାଙ୍କ ଲାଲ ବାସ୍ନା ଅବଧି ୧୨୫,ଅବନୀ ବେହେରାଙ୍କ ଲାଲ ସ୍ୱେଶାଲ ୧୩ ଅବଧି ୧୩୦ରୁ ୧୩୫ ଦିନ, ସୁଧିରଞ୍ଜନ ବାରିକଙ୍କ ଲାଲମଣି ଅବଧି ୧୪୫ ଦିନ, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଲାଲପରି ଅବଧି ୧୪୫ ଦିନ,ବିଜୟ କୁମାର ପାତ୍ରଙ୍କ ଲାଲ ସ୍ୱେଶାଲ ଅବଧି ୧୪୫ ଦିନ ଓ ଅଶୋକ କୁମାର ବାରିକଙ୍କ ରତ୍ନମେଣ୍ଟି ଅବଧି ୧୪୫ ଦିନିଆ ଅଧିକ ଅମଳକ୍ଷମ ବୋଲି ଲାଲ୍‌ସଂସ୍ଥା ପକ୍ଷରୁ କୁହାଯାଇଛି। ଏସବୁ ଧାନବିହନ ଚାଷୀଙ୍କ ପ୍ରିୟଭାଜନ ହୋଇପାରିଛି। ଏସବୁ ବିହନ ଦେଶୀ ପ୍ରଜାତିର ହୋଇଥିବାବେଳେ ଏଗୁଡିକ ରୋଗପୋକ ସହଣୀ ଓ ବୁଡି ମରୁଡିକୁ ଅନେକ ମାତ୍ରାରେ ସହ୍ୟ କରିପାରିବ ବୋଲି ସମ୍ପାଦକ ବେହେରା ପ୍ରକାଶ କରିଛନ୍ତି। ଲାଲ୍ ସଂସ୍ଥା ସହଯୋଗରେ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ରାଜ୍ୟର ୧୫ଟି ଜିଲା ଏବଂ ଛତିଶଗଡ଼ର କିଛି ସ୍ଥାନରେ ଚାଷୀ ଏହି ଧାନକୁ ଚାଷ କରି ଉନ୍ନତ ଅମଳକ୍ଷମ ହୋଇପାରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପ୍ଲାଣ୍ଟ ଭେରାଇଟି ବିଭାଗ ପକ୍ଷରୁ ଲାଲ ଧାନ କିସମ ଗୁଡିକ ସରକାରୀ ମାନ୍ୟତା ପାଇବା ପୂର୍ବରୁ ଦେଶର ବିଭିନ୍ନ ଗବେଷଣାଗାରରେ ୧୨ ବର୍ଷ ଧରି ଏହାକୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହାପରେ ଉଦ୍‌ଭାବନକାରୀ ୭ ଚାଷୀଙ୍କୁ ଟୁ ବି ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଜେଲ ଗଲେ ସ୍ୱାମୀ

ରାଜନଗର , ୨୧।୪(ଡି.ଏନ.ଏ.)

ସ୍ୱାମୀଙ୍କ ମାନସିକ,ଶାରୀରିକ ଓ ଯୌତୁକ ନିର୍ଯାତନାକୁ ସହ୍ୟ କରି ନ ପାରି ୨ଟି ସନ୍ତାନର ମା' ବାଧ୍ୟ ହୋଇ ରାଜନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ରାଜନଗର ଆଇଆଇସି ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ଉଭୟଙ୍କୁ ଥାନାକୁ ଡକାଇଥିଲେ। ସାମାଧାନ ହୋଇ ନ ପାରିବାରୁ ଶେଷରେ ସ୍ୱାମୀଙ୍କୁ ଶୁକ୍ରବାର ଜେଲ ଯିବାକୁ ପଡ଼ିଛି। ଏମିତି ଏକ ଅଭାବନୀୟ ଘଟଣା ରାଜନଗର ଥାନା ଅନ୍ତର୍ଗତ ଗୋଖଣୀ ଗ୍ରାମର ସୀତାଳି ବେହେରାଙ୍କ ଅଭିଯୋଗ କ୍ରମେ ସ୍ୱାମୀ ରାଜକିଶୋରଙ୍କ କ୍ଷେତ୍ରରେ ଘଟିଛି। ଅଭିଯୋଗ ପାଇବା ପରେ ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ଥାନା ସବ୍‌ଇନ୍ସପେକ୍ଟର ବିଜୟ କୁମାର ବରାଳ ଗୋଖଣୀ ଗାଁରେ ପହଞ୍ଚି ରାଜକିଶୋରଙ୍କୁ ଥାନାକୁ ଆଣିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା କଳହର ସମାଧାନ ପାଇଁ ପୋଲିସ ଚେଷ୍ଟା କରି ବିଫଳ ହୋଇଥିଲା। ଥାନାରେ ଦଫା ୪୯୮ (ଏ), ୩୨୩, ୨୯୪, ୪୩୫, ୩୦୭,୫୦୬ରେ ନଂ. ୩୪୦/୨୩ରେ ମାମଲା ରୁଜୁ କରାଯିବା ସହ ରାଜକିଶୋରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଛି।







# ଜୁଆ ଖେଳ ଅଭିଯୋଗ : ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲିକୁଦା,୨୧।୪(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ଶୋଭାସ୍ଥିତ ନାଚ ପଡ଼ିଆରେ ବେଆଇନଭାବେ ଜୁଆ ଆଡ୍ଡା ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ ବାଲିକୁଦା ପୋଲିସ ସେଠାରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବାବେଳେ ୨ ଜଣ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଅଶୋକ ମଲ୍ଲିକ। ତାଙ୍କ ଠାରୁ ୧୦, ୪୦୦ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୭୮/୨୩) ରୁଜୁ କରାଯାଇ ଶୁକ୍ରବାର ଅଶୋକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି।






## ଶାଗୁଆନ ଗଛ ଚୋରି ଉଦ୍ୟମ ଫସର ଫାଟିଲା

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ବାଇପାସ ରାସ୍ତା ପାର୍ଶ୍ୱସ୍ଥ ସେବା ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଏକ ୩ ଫୁଟ ଗୋଲେଇର ଶାଗୁଆନ ଗଛକୁ କେତେଜଣ ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ କଟରରେ କାଟି ନେବାକୁ ଉଦ୍ୟମ ଫସର ପାଟି ଯାଇଛି। ମାତ୍ର ସେବା ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ ଘଟଣା ସମ୍ପର୍କରେ ଜାଣି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ ଅଧା କଟା ଶାଗୁଆନ ଗଛକୁ କାଟି ଦେବାକୁ ଅନୁମତି ପ୍ରଦାନ କରିବା ପରେ ସମସ୍ତଙ୍କ ଉପସ୍ଥିତିରେ ଉକ୍ତ ଗଛଟିକୁ ଶୁକ୍ରବାର କଟା ଯାଇଥିଲା।

# ବାଲ୍ୟବିବାହ ନିଷେଧ ପାଇଁ ପଦଯାତ୍ରା


ଭାପୁରରେ ବାଲ୍ୟ ବିବାହ ନିଷେଧ ପାଇଁ ବାହାରିଥିବା ପଦଯାତ୍ରା।

ଭାପୁର,୨୧।୪(ଡି.ଏନ.ଏ.)

ସମାଜରେ ବାଲ୍ୟ ବିବାହ ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିବା ବେଳେ ସଚେତନତାର ଅଭାବ ଯୋଗୁ ଏଭଳି ସାମାଜିକ ବ୍ୟାଧି ଜାରି ରହିଛି। ଭାପୁର ବ୍ଲକକୁ ଏକ ଆଦର୍ଶ ଓ ବାଲ୍ୟ ବିବାହ ମୁକ୍ତ ବ୍ଲକ ଭାବେ ଗଠନ କରିବାକୁ ସମସ୍ତ ଅଧିକାରୀ ଶପଥପାଠ ସହ ସାମୂହିକ ପଦଯାତ୍ରା କରି ଜନସାଧାରଣମାନଙ୍କୁ ସଚେତନତା କରିଥିଲେ। ଭାପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ବାଲ୍ୟ ବିବାହ ନିଷେଦ୍ଧ ପାଇଁ ପଦଯାତ୍ରା ବ୍ଲକ ପରିସରରୁ ଆରମ୍ଭ ହୋଇଥିଲା। ଏହି ପଦଯାତ୍ରାକୁ ଭାପୁର ତହସିଲଦାର ଲଗ୍ନଜିତ ବେହେରା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅକ୍ଷୟ ତୃତୀୟରେ ଅଧିକାଂଶ ଲୋକ ବାଲ୍ୟ ବିବାହ କରୁଥିବା ପ୍ରଶାସନ ପାଖରେ ଖବର ଥିବାରୁ ଲୋକମାନଙ୍କୁ ସଚେତନ କରିବା ଓ ସେହିଦିନ ବାଲ୍ୟ ବିବାହ ନିଷେଧ ନିମନ୍ତେ ସଚେତନତା ବାର୍ତ୍ତା ଦେବା ପାଇଁ ପଦଯାତ୍ରା ଭାପୁର ବ୍ଲକ ପରିସରରୁ ବାହାରି ଭାପୁର ବଜାର, ତେଲିସାହି, ପାଇକ ସାହି, ବାଇପାସ ନିକଟରେ ଅବସ୍ଥିତ ହନୁମାନ ମନ୍ଦିରଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ସାମିଲ ଥିବା ସମସ୍ତେ ବାଲ୍ୟ ବିବାହ ନିଷେଧ ନିମନ୍ତେ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ। ଝିଅକୁ ୧୮ବର୍ଷ ଓ ପୁଅକୁ ୨୧ବର୍ଷ ହେଲେ ବିବାହ କରିବା। କୌଣସି ବ୍ୟକ୍ତି କ ମ୍ ବୟସରେ ବିବାହ କଲେ ୧୦୯୮କୁ ଫୋନ୍ କରି ଜଣାଇ ବିବାହ ବନ୍ଦ କରିବାକୁ କୁହାଯାଇଥିଲା। ଏଥିରେ ଏବିଡିଓ ସରୋଜ କୁମାର ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରେଣୁବାଳା ନନ୍ଦ, ସୁପରଭାଇଜର ସନ୍ତୋଷିନୀ ପାଣି, ଜ୍ୟୋତିର୍ମୟୀ ସାହୁ, ମିଶନ ଶକ୍ତିରୁ ସସ୍ମିତା ମଳିକ, ସ୍ୱାସ୍ଥ୍ୟ ବିଭାଗରୁ ଅଶୋକ କୁମାର ସାହୁ, ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# କୋଠ ସୁଆର ସେବା ବନ୍ଦ, ବଲ୍ଲଭ ନୀତିରେ ବିଳମ୍ବ

ଓଡ଼ଗାଁ,୨୧।୪(ସ୍ୱ.ପ୍ର.)

**ଶ୍ରୀରଘୁନାଥ ଜୀଉ ମନ୍ଦିର**

ଓଡ଼ଗାଁଠାରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ନୀତିରେ ଶୁକ୍ରବାର ବିଭ୍ରାଟ ଦେଖାଦେଇଥିଲା। କୋଠ ସୁଆର ସେବା ଦାୟିତ୍ୱରେ ଥିବା ସେବକ ତଥା ମନ୍ଦିର କର୍ମଚାରୀ ରଘୁନାଥ ପଣ୍ଡା ସକାଳେ ହଠାତ୍ ସେବା ବନ୍ଦ କରିଦେବା ପରେ ଠାକୁରଙ୍କ ବଲ୍ଲଭ ନୀତିରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ମନ୍ଦିର ସୁପରଭାଇଜର ଜିତେନ୍ଦ୍ର ମିଶ୍ର ବିକଳ୍ପ ବ୍ୟବସ୍ଥା କରିବା ପରେ ପ୍ରାୟ ୨ ଘଣ୍ଟା ବିଳମ୍ବରେ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ଜୀଉଙ୍କର ବିଭିନ୍ନ ପ୍ରକାରର ସେବା ଥିବାବେଳେ ତା' ମଧ୍ୟରୁ କୋଠ ସୁଆର ସେବା ଅନ୍ୟତମ। କୋଠ ସୁଆର ସେବକଙ୍କ ଦ୍ୱାରା ଠାକୁରଙ୍କ ପାଇଁ ନିସଙ୍ଖୁଡି ଭୋଗ ପ୍ରସ୍ତୁତ କରାଯାଇଥାଏ। ସକାଳବେଳା ବଲ୍ଲଭ ଭୋଗ ପାଇଁ ଖଇ, କୋରା ଏବଂ ମୁଆଁ ପ୍ରସ୍ତୁତ ପାଇଁ ଅନ୍ୟାଦେଶ ପର୍ଯ୍ୟନ୍ତ ସୁପରଭାଇଜର ପୂର୍ଣ୍ଣ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେ ଭୋଗ ପ୍ରସ୍ତୁତ କରିବା ପରେ ତାହା ଠାକୁରଙ୍କ ପାଖରେ ଲାଗି ହୋଇଥିଲା। ଘଟଣାରୁ ଜଣାଯାଏ ଶ୍ରୀରାମ ନବମୀ ଯାତ୍ରାର ୪ର୍ଥ ସନ୍ଧ୍ୟାଗଙ୍ଗା ପାର ବେଶ ଏପ୍ରିଲ ୨ ରାତି ୧୧ଟା ବେଳେ ନୀତି ପାଇଁ ଘଣ୍ଟ ବଜାଇବାକୁ ସୂଚନା ଦିଆଯାଇଥିଲା। ୨ ଜଣ ପାଳିଆ ସେବକ ଘଟଣାସ୍ଥଳରେ ଉପସ୍ଥିତ ଥିବା ବେଳେ ଅନ୍ୟ କେହି ଘଣ୍ଟ ନ ବଜାଇବା ପାଇଁ ମନ୍ଦିର କର୍ମଚାରୀ ତଥା କୋଠ ସୁଆର ସେବକ ରଘୁନାଥ ପଣ୍ଡା ଇସାରା କରିଥିଲେ। ସେତିକି ବେଳେ ଘଣ୍ଟ ବଜାକୁ ମନା କରିଥିବା ରଘୁନାଥଙ୍କୁ ଅନ୍ୟ ଜଣେ ସୁଆର(ଶଙ୍ଖୁଡି) ବିନୋଦ ମହାପାତ୍ର ଗୋଟେ ଚାପୁଡ଼ା ମାରିଥିଲେ। ତାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। କିନ୍ତୁ ତା'ର ୨ ଦିନ ପରେ ମାଡ ଖାଇଥିବା ରଘୁନାଥ ଓଡ଼ଗାଁ ଥାନାରେ ଏବଂ ନୟାଗଡ଼ ଜିଲା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଳମ୍ବ ହେବାରୁ ରଘୁନାଥ ସୁପରଭାଇଜରକୁ ଜଣାଇଥିଲେ। ପୁଣି ବୁଝାଶଝା କରିବା ପରେ ସେ ସେବା କାର୍ଯ୍ୟ କରିଥିଲେ ମଧ୍ୟ ଘଟଣାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ସେବା ନିବୃତ୍ତ ରହିବା ପାଇଁ ଶୁକ୍ରବାରଠାରୁ ଠାକୁରଙ୍କ ନୀତି ଅସହଯୋଗ କରିଥିଲେ। ଆସନ୍ତା ୨୬ ତାରିଖରେ ମନ୍ଦିର ପ୍ରଶାସନ ଏବଂ ସେବାୟତମାନଙ୍କ ମଧ୍ୟରେ ଆଲୋଚନା ପାଇଁ ସ୍ଥିର ହୋଇଥିବା ବେଳେ ଏସବୁ ସମ୍ପର୍କରେ ଫଇସଲା କରାଯିବ ବୋଲି ଉପଜିଲାପାଳ ରାୟ କହିଛନ୍ତି।

# ଦିଲ୍ଲୀ କୈଶୋର ସମ୍ମିଳନୀରେ ଯୋଗଦେଲେ ଦଶପଲ୍ଲାର ପିଲା


ଯୋଗଦାନ କରିଥିବା ପିଲାମନେ।

ଦଶପଲ୍ଲା, ୨୧।୪(ଡି.ଏନ.ଏ.)

ସେଣ୍ଟର ଫର କାଟାଲାଇଜିଂ ଚେଞ୍ଜ( ସି ୩ ) ସହଯୋଗରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକସ୍ଥିତ ବିଭିନ୍ନ ପଞ୍ଚାୟତରୁ ୫ଜଣ କିଶୋର ବାଳିକାବାଳକ ଜାତୀୟ ସ୍ତରର ମୋ ମଞ୍ଚ ମୋ ସ୍ୱର୍ କୈଶୋର ସମ୍ମିଳନୀରେ ଦଶପଲ୍ଲା ର ଶିକ୍ଷା , ସ୍ୱାସ୍ଥ୍ୟ , ଦକ୍ଷତା ବିଷୟ ବସ୍ତୁ ସହିତ ବାଲ୍ୟବିବାହର ସ୍ଥିତିକୁ ଉପସ୍ଥାପନା କରିବାକୁ ଯାଇଥିଲେ। ସେମାନେ ହେଲେ ସ୍ଥାନୀୟ ପଞ୍ଚାୟତର ସୁପ୍ରଭା ତ୍ରିପାଠୀ(ନୂଆଗାଁ) , ରାଧାରାଣୀ ମିଶ୍ର (ନଛିପୁର), ସନ୍ଦୀପ ସାହୁ (ଘୁଘୁଡ଼ିପଡା), ଗାୟତ୍ରୀ ନାୟକ (ଘୋଳାହାଣ୍ଡି), ନୀଳାମ୍ବର ବେହେରା (ଖମାରୀସାହି)। ଓଡ଼ିଶା ନୟାଗଡ଼, ମୟୂରଭଞ୍ଜରୁ ୧୦ ଜଣଙ୍କୁ ସୁଯୋଗ ମିଳିଛି। ନୟାଗଡ ଜିଲାର ଦଶପଲ୍ଲାରୁ ୫ ବାଳିକାବାଳକ ଯୋଗଦେଇଛନ୍ତି। ସିଥ୍ରି ଜିଲା ସଂଯୋଜକ ସୁବ୍ରତ ବିଶୋଇଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସଂଯୋଜିକା ନିକି ପ୍ରଧାନ ସମସ୍ତ ପିଲାଙ୍କୁ ନେଇ ଦିଲ୍ଲୀ ଆଭିମୁଖେ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିଥିବା ବେଳେ ପିଲାଙ୍କ ସ୍ୱାସ୍ଥ୍ୟ ଗତ, ଶିକ୍ଷାଗତ ଓ ଦକ୍ଷତା ବିକାଶ,ବାଲ୍ୟବିବାହର କୁ-ପରିଣାମ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦିଲ୍ଲୀର କିଛି ପର୍ଯ୍ୟଟନସ୍ଥଳ ବୁଲିବାର ସୁଯୋଗ ପାଇଥିଲେ। ଏହା ଜାତୀୟ ସ୍ତରର କାର୍ଯ୍ୟକର୍ମ ହୋଇଥିବା ବେଳେ ପଡୋଶୀ ରାଜ୍ୟରୁ ଆସିଥିବା ପିଲାଙ୍କ ସହ ଏକ ସୁପରିଚୟ ହେବାର ସୁଯୋଗ ପାଇଥିଲେ। ଦଶପଲ୍ଲାରୁ ଯାଇଥିବା ପିଲାଙ୍କ ଏହା ଏକ ଭିନ୍ନ ଧରଣର ନୂତନ କର୍ଯ୍ୟକର୍ମ ହୋଇଥିବାରୁ ସେମାନେ ଅତ୍ୟନ୍ତ ଖୁସି ଅନୁଭବ କରୁଥିଲେ। ସ୍ଥାନୀୟ ସଂଯୋଜକ ପ୍ରସନ୍ନ ବାଘସିଂ, ପ୍ରିୟଙ୍କା ବରାଡ, ସ୍ୱତିରେଖା ଦାସ, ସୁଭାଶିଷ ମିଶ୍ର, ଚିନ୍ମୁମୟ ପ୍ରଧାନ ସହଯୋଗ କରିଥିଲେ।

## ଧର୍ମାନୁଷ୍ଠାନରେ ଦାୟିତ୍ୱ ପାଇଁ ବିବାଦ, ଜଣେ ଗୁରୁତର

ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର)

ମାଉଣ୍ଟ ଆବୁ ଅଧୀନରେ ଥିବା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଅଞ୍ଚଳରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଦାୟିତ୍ୱକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ହୋଇଛି। ସ୍ଥାନୀୟ ପାଣ୍ଡୁସାହୁପାଟଣା ନିବାସୀ ବ୍ରହ୍ମାକୁମାରୀ ଜ୍ୟୋସ୍ନାରାଣୀ ମହାରଣାଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ରମେଶ କୁମାର ବେତାଙ୍କଠାରୁ ସୂଚନା ମିଳିଛି। ବି.କେ. ଜ୍ୟୋସ୍ନା ଓ ବି.କେ. ପୁଷ୍ପଲତାଙ୍କ ଦ୍ୱାରା ବ୍ଲକ ଅଧୀନ କଣ୍ଟିଲୋ ଓ ଖଳିସାହିରେ ଅଲଗା ଅଲଗା ୨ଟି ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଛି। ତେବେ କଣ୍ଟିଲୋ ଅଞ୍ଚଳରେ ଏହି ଶାଖା କେନ୍ଦ୍ର ପାଇଁ ଏକ ନୂତନ ଗୃହ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ପ୍ରସ୍ତାବିତ ଏହି ନୂତନ ଜାଗା ଉପରେ ଗୃହ ନିର୍ମାଣ ପାଇଁ ଉଭୟ ପକ୍ଷ ମାଲିକାନା ଜାହିର କରିବାରୁ ବିବାଦର ସୂତ୍ରପାତ ହୋଇଥିଲା। ଏହି ଗଣ୍ଡଗୋଳରେ ସଂଘବଦ୍ଧ ଆକ୍ରମଣରେ ବି.କେ. ଜ୍ୟୋସ୍ନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସଙ୍ଗେ ସଙ୍ଗେ ତାଙ୍କ ସହକର୍ମୀ ସୁପ୍ରିୟା ପାତ୍ର(ସିଲୁ) ମଧ୍ୟ ଆହାତ ହୋଇଥିବା ଅଭିଯୋଗ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରମାକାନ୍ତ


@ ବିଶ୍ୱଜିତ


@ ରାଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## କାଳବୈଶାଖୀ ପ୍ରଭାବ: ୧୦ଘଣ୍ଟା ବିଦ୍ୟୁତ୍ କାଟ

ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.)

କାଳବୈଶଖୀର ପ୍ରଭାବରେ ଶୁକ୍ରବାର ଦିନତମାମ ମେଘୁଆ ପାଗ ସାଙ୍ଗକୁ ସାମାନ୍ୟ ଝିପ ଝିପ ବର୍ଷା ଲାଗି ରହିବା ଫଳରେ ଦୀର୍ଘ ୧୫ ଦିନ ପରେ ଖଣ୍ଡପଡା ଅଞ୍ଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ଅପରପକ୍ଷେ ପବନ ବୋହିବା ଯୋଗୁ ଦୀର୍ଘ ୧୦ ଘଣ୍ଟା ଧରି ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।












## ସଂକ୍ଷେପରେ

### ବଡ଼ଚଣା ବିଜେଡି ପକ୍ଷରୁ ଇଫ୍ତାର ପାର୍ଟି

**ଚଣ୍ଡିଖୋଲ,୨୧।୪(ଡି.ଏନ୍.ଏ.):** ବଡ଼ଚଣା ବିଜୁ ଜନତାଦଳ ତରଫରୁ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ସଂଖ୍ୟାଲଘୁ ସେଲ୍‌ର ସଭାପତି ସେକ୍ ମୋଇନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାର୍ଟିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁଙ୍କୁଡ଼ା, ଦର୍ପଣ, ଚାରିନେଙ୍ଗଳ, ନଳୀପୁର, ଗୋପାଳପୁର ଓ ଚଣ୍ଡିତଳ ପଞ୍ଚାୟତର ମୁସ୍‌ଲିମ୍ ଭାଇମାନେ ଯୋଗଦେଇ ଇଦୁଲଫିତର ପର୍ବ ଅବ୍ୟବ୍ୟହିତ ପୂର୍ବରୁ ଇଫତାର ପାର୍ଟିର ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ସାଧାରଣ ସମ୍ପାଦକ ବିପିନ୍ ବିହାରୀ ଜେନା, ମିହିର କୁମାର ସ୍ୱାଇଁ, ମନ୍ମଥ କେଶରୀ ସାହେବ ରାୟ, ଅମର ମହାନ୍ତି, ଗୋଲାମ କିବିରିଆ ଖାଁ, ସେକ୍ ସବିରୁଦ୍ଦିନ୍, ମଙ୍ଗୁଲ ଖାଁ, ସୌକତ ଖାଁ, ନାସିରୁଦ୍ଦିନ, ଜାବିର ଖାଁ ଓ ମିସ୍ତାକ ଅଲ୍ଲି ଖାଁ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଇଫତାର ପାର୍ଟିରେ ସାମିଲ ହୋଇଥିଲେ।

### ଗମ୍ଭୁ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବେ ରାଜ୍ୟପାଳ

**ବରୀ,୨୧।୪(ଡି.ଏନ.ଏ.):** ଆସନ୍ତା ୨୪ ତାରିଖରେ ବରୀ ବ୍ଲକ୍ ଅନ୍ତର୍ଗତ ଗମ୍ଭୁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହେବ। ଏଥିରେ ଯୋଗଦେବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସେ କାର୍ଯ୍ୟକ୍ରମରେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉଦ୍‌ଘାଟନ କରିବା ସହ ପତ୍ରିକା 'ସୁବର୍ଣ୍ଣ ସୌରଭ'କୁ ଉନ୍ମୋଚନ କରିବେ ବୋଲି ସ୍ଥିର କରାଯାଇଛି। ଏନେଇ ବିଦ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦର ସଭାପତି ପ୍ରତାପ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରୀ ବିଧାୟିକା ସୁନନ୍ଦା ଦାସ, ତହସିଲଦାର ତିଲୋତମା ପୃଷ୍ଟି, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ବିଡିଓ ନମିତା ବାରିକ, ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ପ୍ରତାପ କୁମାର ପରିଡ଼ା ଓ ସରପଞ୍ଚ ଜଗଦୀଶ ଜେନାଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ଯୁଗ୍ମ ସମ୍ପାଦକ ହେଲେ କିଶୋର

**ଚଣ୍ଡିଖୋଲ,୨୧।୪(ଡି.ଏନ.ଏ.):** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଶୁକ୍ରବାର କୋର୍ଟ ପରିସରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁଗ୍ମ ସମ୍ପାଦକ ଭାବେ କିଶୋର ଚନ୍ଦ୍ର ନାୟକ ବିଜୟୀ ଘୋଷିତ ହୋଇଛନ୍ତି। ନିର୍ବାଚନରେ କିଶୋର ଚନ୍ଦ୍ର ନାୟକ ଓ ସିରିଶ କୁମାର ସାମଲ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଉଭୟ ସମାନ ସଂଖ୍ୟକ ଭୋଟ ପାଇବାରୁ ନିର୍ବାଚନ ଅଧିକାରୀ ଧର୍ମଗୁଳାର ସାହାଯ୍ୟ ନେଇଥିଲେ। ଏଥିରେ କିଶୋର ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ଜନ ବେହେରା, ଶରତ କୁମାର ଷଡ଼ଙ୍ଗୀ ଓ ଉଦୟନାଥ ସାହୁ ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ଆଥ୍‌ଲେଟିକ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ମହାପାତ୍ର ବିଜୟୀ ହୋଇଛନ୍ତି।

### ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ଜଳଛତ୍ର

**ବିଞ୍ଝାରପୁର,୨୧।୪(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ତାପମାତ୍ରା ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଶୋଷରେ ତହଲବିକଳ ହେଉଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ଟ୍ରେଜେରି ଛକରେ କମିଟି ସଭାପତି ଅନିଲ ଦାସଙ୍କ ଦ୍ୱାରା ଏକ ଜଳଛତ୍ର ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରେଜେରି ଛକ ପୂଜା କମିଟି ସଦସ୍ୟ କୁଳମଣି ଦାସ, ବିକାଶ ଦଳେଇ, ସୁଜିତ ମହାନ୍ତି, ବିଦ୍ୟାଧର ଦାସ, ଦୁର୍ଗା ଶଙ୍କର ଦାସ ଓ ଅୟସକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଜେନାପୁର,୨୧।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ତଳଗଡ଼ ଗ୍ରାମର ଆଦର୍ଶ ଶିକ୍ଷକ ଅଶୋକ କୁମାର ମିଶ୍ରଙ୍କ ୫୯ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାରଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଞ୍ଚଳ ପାଇଁ ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ। ଶିକ୍ଷାଦାନ କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିଲେ।

# ୯ ମାସରେ ୫ ବର୍ଷର ଉତ୍ତୋଳନ

**ଯାଜପୁର ଅଫିସ,୨୧।୪**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବହୁ ମୂଲ୍ୟବାନ କଳାପଥର(ଗ୍ରାନାଇଟ୍) ଲୁଟ୍ ପାଇଁ ଏକ ପ୍ରକାର ଅଘୋଷିତ ପ୍ରତିଯୋଗିତା ଜୋର ଧରିଛି। ଲିଜ୍‌ର ୧ ବର୍ଷ ନ ପୂରୁଣୁ ୫ ବର୍ଷ ପାଇଁ ଧାର୍ଯ୍ୟ ପରିମାଣର କଳାପଥର ଉତ୍ତୋଳନ କରାଯାଉଛି। ତହସିଲ ପ୍ରଶାସନ ମାପଚୁପ କରି କେବଳ କାରଣ ଦର୍ଶାଅ ନୋଟିସ କରି ନୀରବ ରହିଯାଉଛି। ଫଳରେ କାରଣ ଦର୍ଶାଅ ନୋଟିସକୁ ଭ୍ରୂକ୍ଷେପ ନ କରି ଲିଜ୍‌ଧାରୀ ପୁଣି ଅତି ଗଭୀର ଗାତ ଖୋଳି ଏବଂ ବିସ୍ଫୋରଣ ଘଟାଇ ଦିନକୁ ବିପୁଳ ପରିମାଣରେ କଳାପଥର ଚୋରି କରୁଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଭାବେ ଆରୁହା ପାହାଡର ସୈରାତ ନମ୍ବର ୩୪/୨୦୨୧-୨୨କୁ ନିଆଯାଇପାରେ। ଏଠାରେ ଲିଜ୍‌ଧାରୀ ମନୋଜ ସାମଲଙ୍କୁ ୫ ବର୍ଷ ପାଇଁ ୭୦ ହଜାର ଘନମିଟର ଉତ୍ତୋଳନ କରିବାକୁ ଅନୁମତି ମିଳିଥିବାବେଳେ ମାତ୍ର ୯ ମାସରେ ୧ ଲକ୍ଷ ୮ ହଜାର ଘନମିଟର କଳାପଥର ଉତ୍ତୋଳନ କରିଛନ୍ତି। ଗତ ମାର୍ଚ୍ଚ ୧୧ ତାରିଖରେ ହୋଇଥିବା ସାଟେଲାଇଟ ମାପଚୁପରେ ଏଭଳି ହରିଲୁଟ ଜଣାପଡ଼ିବା ପରେ ତହସିଲ ପ୍ରଶାସନ ପକ୍ଷରୁ ଗତ ୧୫ ତାରିଖରେ ଲିଜ୍‌ଧାରୀ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପରିବେଶ ଅନୁମତି(ଇସି) ଓ ଖନନ ନିମନ୍ତେ ସିଟିଓ(କନ୍‌ସେଣ୍ଟ ଟୁ ଅପରେଟ୍)ର ସର୍ତ୍ତ ଅନୁସାରେ ସମ୍ପୃକ୍ତ ଖାଦାନକୁ ବନ୍ଦ କରାଯିବା କଥା। ତାହା ନ କରି ତହସିଲ



ଆରୁହା କଳାପଥର ଖାଦାନରୁ ଉତ୍ତୋଳନ ଚାଲିଛି।

### ଆରୁହା ପାହାଡ଼ରୁ କଳାପଥର ଚୋରି

ପ୍ରଶାସନ ଲିଜ୍‌ଧାରୀଙ୍କୁ ଅଧିକ ଖନନ ପାଇଁ ପ୍ରୋତ୍ସାହନ ଯୋଗାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସାଧାରଣ ଲୋକେ ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ଯାହା କରିବାର ଅଛି କର, ଯେତେ ଖବର ପ୍ରକାଶ କଲେ ବି ତାଙ୍କର କୌଣସି ଅନିଷ୍ଟ ହେବ ନାହିଁ ବୋଲି ଓଲଟା କୁହାଯାଉଥିବା ଅଭିଯୋଗ ହେଉଛି। ଏହି ପ୍ରକ୍ରିୟାରେ ପ୍ରଭାବଶାଳୀ ନେତା କିମ୍ବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଖୋଲା ସହଯୋଗ ରହୁଥିବା ନେଇ ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି।

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୨୦୨୨ ମାର୍ଚ୍ଚସୁଦ୍ଧା ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। ତେବେ ଯାଜପୁର, ବଲାଙ୍ଗୀର, ଭଦ୍ରକ, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଜିଲାରେ ଜରିମାନା ଆଦାୟ ନୈରାଶ୍ୟଜନକ ରହିଥିଲା। ଏନେଇ ସେହିବର୍ଷ ବିଧାନସଭାରେ ପ୍ରଶ୍ନ ଉଠିବା ଏବଂ ଧରିତ୍ରୀରେ ସବିଶେଷ ଖବର ପ୍ରକାଶ ପାଇବା ପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ଜରିଆରେ ମାପଚୁପ କରି ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ଜରିମାନା ଆଦାୟ ପାଇଁ ନୋଟିସ ଜାରି ପ୍ରକ୍ରିୟା ଆରମ୍ଭ କରିଥିଲା। ୨୦୨୨ ଜୁନ ୨ରେ ୩୪ ନମ୍ବର ଆରୁହା ଖାଦାନ ପାଇଁ ସାମଲଙ୍କୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ତେବେ ମାପଚୁପରେ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ଜଣାପଡ଼ିବା ପରେ କାରଣଦର୍ଶାଅ ନୋଟିସ ହୋଇଛି। ଆଗକୁ ଖାଦାନ ବନ୍ଦ ହୋଇଯିବା ନିଶ୍ଚିତ ହେବା ପରେ ଲିଜ୍‌ଧାରୀ ସେହି ସେଠାରୁ ଦିନରାତି ବିପୁଳ ପରିମାଣରେ ଉତ୍ତୋଳନ ଜାରି ରଖିଛନ୍ତି।

ବିସ୍ଫୋରଣ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲଦାର ଏବଂ ଜିଲାପାଳ ଏହା ଜାଣିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ନୀରବ ରହିଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ମାର୍ଚ୍ଚ ୧୧ରେ ହୋଇଥିବା ମାପକୁ ଇତିମଧ୍ୟରେ ୧ ମାସ ୧୧ ଦିନ ଅତିକ୍ରାନ୍ତ ହୋଇ ସାରିଛି। ଏହି ସମୟରେ ମଧ୍ୟରେ ଲିଜ୍‌ଧାରୀ ପ୍ରାୟ ୧୫ ହଜାର ଘନମିଟର ଅଧିକ ପରିମାଣର କଳାପଥର ଉତ୍ତୋଳନ କରିଥିବା ଅନୁମାନ କରାଯାଇଛି। ଇସି ସର୍ତ୍ତକୁ ଉଲ୍ଲଂଘନ କରାଗଲେ ଉତ୍ତୋଳନ ପରିମାଣର ଦରଠାରୁ ୫ ଗୁଣ ଅଧିକ ଜରିମାନା ଆଦାୟ କରିବାର ନିୟମ ରହିଛି। ତେଣୁ ଜରିମାନା ନିର୍ଦ୍ଧେଶ ସମୟରେ ଏହି ହିସାବକୁ ସାମିଲ କରାଯିବ କି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଲିଜ୍‌ଧାରୀଙ୍କୁ ଅଧିକ ଉତ୍ତୋଳନ ପାଇଁ ସୁଯୋଗ ଦେବା ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ଏହାବାଦ ପୂର୍ବରୁ ଲିଜ୍ ଦିଆଯାଇଥିବା ତଥା ୧୦ କୋଟି ଜରିମାନା ନିର୍ଦ୍ଧେଶ ହୋଇଥିବା ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କ ପରିସୀମାକୁ ମଧ୍ୟ ସାମଲ ଦଖଲ କରି କଳାପଥର ଉତ୍ତୋଳନ କରୁଥିବା ଜିଲାପାଳଙ୍କ ନିକଟରେ ୩ ମାସ ତଳେ ଅଭିଯୋଗ ହୋଇଛି। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଅସହାୟଙ୍କୁ ସହାୟତା କରିବ ସାଧନାର ସ୍ୱରୂପ ପରିବାର

**ଧର୍ମଶାଳା,୨୧।୪ (ଡି.ଏନ.ଏ.)**

ଅସହାୟ, ଅବହେଳିତ ଓ ଆର୍ଥିକ ଅନାଟନରେ କାଳାତିପାତ କରୁଥିବା ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛି ଖବର ଭିତ୍ତିକ ଓ ଆଧାତ୍ମିକ ମାସିକ ପତ୍ରିକା ସାଧନର ସ୍ୱରୂପ ପରିବାର। ଏହିକ୍ରମରେ ଶୁକ୍ରବାର ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଉକ୍ତ ଅନୁଷ୍ଠାନ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପଣ୍ଡିତ ଦେବବ୍ରତ ଦେବତା ଓ ଧର୍ମଶାଳାର ପ୍ରତିନିଧି ଡ. ଇନ୍ଦ୍ରମଣି ମହାନ୍ତି ସମ୍ମିଳନୀରେ ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଖବର ପରିବେଷଣ ସହିତ ସମାଜରେ ଅସହାୟ , ଅବହେଳିତ, ଅସ୍ୱଚ୍ଛଳ, ଦିବ୍ୟାଙ୍ଗ, ମାନସିକ ବିକୃତ, ଆଦିବାସୀ, ପଛୁଆବର୍ଗ, ଦିନମଜୁରିଆ ଓ ମେହନତି ମଣିଷଙ୍କ ପାଖରେ ସର୍ବଦା ସାହାରା ହୋଇ ଠିଆ ହେବାକୁ ସାଧନର ସ୍ୱରୂପ ପ୍ରତିଶ୍ରୁତି ବଦ୍ଧ ବୋଲି ସମ୍ମିଳନୀରେ ଧର୍ମଶାଳା ପ୍ରତିନିଧି ଡ. ମହାନ୍ତି କହିଥିଲେ। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେବା ବ୍ୟକ୍ତିଗତ ଭାବରେ ନୁହେଁ, ଏକ ଟିମ୍ ଜରିଆରେ ସାଧନର ସ୍ୱରୂପ ବିଭିନ୍ନ ବସ୍ତିରେ ସହାୟତା ଯୋଗାଇବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ରାସ୍ତା, ଘାଟ ଓ ବଜାରରେ ଅବହେଳିତ ଭାବରେ ଶଢୁଥିବା ମାନସିକ ବିକୃତ ମଣିଷଙ୍କ ଦରଦୀ ବନ୍ଧୁ ଭାବେ ସାଧନର ସ୍ୱରୂପ ଉଭାହେବ ବୋଲି ସମ୍ପାଦକ ଦେବତା ସୂଚନା ଦେଇଥିଲେ। ଏଥିରେ ପ୍ରେସ କ୍ଲବ୍ ସଭାପତି ରମାକାନ୍ତ ଜେନା ଓ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

# ଚଣ୍ଡିଖୋଲ ଛକ ଟ୍ରାଫିକ୍ ସମସ୍ୟା ସମାଧାନ ଖୁବ୍‌ଶୀଘ୍ର



ଜିଲାପାଳ ଓ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ଚଣ୍ଡିଖୋଲ,୨୧।୪ (ଡି.ଏନ.ଏ.)**

ଯାଜପୁର ଜିଲାର ମୁଖ୍ୟ ପ୍ରବେଶ ଦ୍ୱାର ଭାବେ ପରିଚିତ ଚଣ୍ଡିଖୋଲ ଛକ। ଏଠାରେ ୨ ଜାତୀୟ ରାଜପଥ ୧୬ନଂ. ଓ ୫୩ନଂ. ପରସ୍ପର ଅତିକ୍ରମ କରିଛନ୍ତି। କଲିକତାରୁ ଚେନ୍ନାଇ ପର୍ଯ୍ୟନ୍ତ ୧୬ନଂ. ଜାତୀୟ ରାଜପଥ ଲମ୍ବିଥିବାବେଳେ ପାରାଦୀପଠାରୁ ଗୁଜରାଟର ହାଜିରା ପର୍ଯ୍ୟନ୍ତ ଲମ୍ବିଛି ୫୩ନଂ. ଜାତୀୟ ରାଜପଥ। ସେଥିପାଇଁ ଚଣ୍ଡିଖୋଲ ଛକର ଗୁରୁତ୍ୱ ଅଧିକ। ମାତ୍ର ଏଠାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ବହୁମୂଲ୍ୟ ଜୀବନ ଯାଉଛି। ଏନେଇ ଶୁକ୍ରବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନୀତ ଅଗ୍ରୱାଲ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପି.କେ. ସିଂହ, ଚଣ୍ଡିଖୋଲ ଆର୍‌ଟିଓ ସଞ୍ଜୀବ କୁମାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଚଣ୍ଡିଖୋଲ ଛକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏହାପରେ ଜିଲାପାଳ କହିଛନ୍ତି, ଏଠାରେ ଯେଉଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି ଖୁବ୍‌ଶୀଘ୍ର ତା'ର ସମାଧାନ କରାଯିବ। ସୂଚନାଥାଉକି, ଚଣ୍ଡିଖୋଲରେ ଜାତୀୟ ରାଜପଥ ଅବରୋଧ ଓ ବେଆଇନ ପାର୍କିଂ ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ବାରମ୍ବାର ଅଭିଯୋଗ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି, ଯାହାକୁ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଜିଲାପାଳ ଓ ଏସ୍‌ପି ପୂର୍ବରୁ ଆଲୋଚନା କରିଥିଲେ। ସମସ୍ତ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ସମାଧାନ ନିମନ୍ତେ ନୂତନ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏଥି ସହିତ ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଉନ୍ନାଓ ପୀଡ଼ିତାଙ୍କ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ ଦାବି

**ଯାଜପୁର ଟାଉନ,୨୧।୪(ଡି.ଏନ.ଏ.)**

ଉତ୍ତରପ୍ରଦେଶର ଉନ୍ନାଓରେ ବଳାତ୍କାର ପୀଡ଼ିତା ନାବାଳିକଙ୍କର ଘରେ ଜେଲ୍ ଫେରନ୍ତା ସେହି ଅଭିଯୁକ୍ତଙ୍କ ଦ୍ୱାରା ଅଗ୍ନିସଂଯୋଗ ଘଟଣାକୁ ନେଇ ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ ଅର୍ଗାନାଇଜେଶନ ଓ ଅଲ୍ ଇଣ୍ଡିଆ ଯୁଥ୍ ଅର୍ଗାନାଇଜେଶନ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଅଭିଯୁକ୍ତ ଜଣଙ୍କ ଗତବର୍ଷ ନାବାଳିକାଙ୍କୁ ବଳାତ୍କାର କରିବା ଅପରାଧରେ ଜେଲ୍ ଯାଇଥିଲେ। ମାତ୍ର ଜେଲରୁ ଫେରିବା ପରେ ତାଙ୍କ ସାଥିଙ୍କ ସହଯୋଗରେ ଏପ୍ରିଲ ୧୮ ତାରିଖରେ ପୀଡ଼ିତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ପୀଡ଼ିତାଙ୍କ ମା'ଅଭିଯୋଗ କରିଛନ୍ତି ଯେ, ଅଭିଯୁକ୍ତଙ୍କ ନାଁରେ କରିଥିବା ମାମଲା ଉଠାଇ ଦେବାକୁ ମନା କରିବାରୁ ତାଙ୍କର ୬ ମାସର ପୁଅ ଓ ୩ମାସର ଭଉଣୀଙ୍କୁ ଅଭିଯୁକ୍ତ ନିଆଁକୁ ଫିଙ୍ଗି ଦେଇଥିଲେ। ଏହି ଘଟଣାର ତୀବ୍ର ନିନ୍ଦା କରିବା ସହିତ ଘଟଣାର ପୂର୍ଣ୍ଣ ତଦନ୍ତ କରି କଠୋର ଦଣ୍ଡବିଧାନ ପାଇଁ ଉପରୋକ୍ତ ସଂଗଠନଗୁଡ଼ିକ ଦାବି କରିଛନ୍ତି। ଏହାସହିତ ସରକାର ପୀଡ଼ିତାଙ୍କ ପରିବାରକୁ କଡ଼ା ସୁରକ୍ଷା ଓ ଦୁଇ ଶିଶୁଙ୍କର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଜିଲା ସମ୍ପାଦିକା ତରଙ୍ଗିନି ଦାସ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ ଅର୍ଗାନାଇଜେଶନ ଜିଲା ସମ୍ପାଦିକା ସସ୍ମିତା ଯେନା ପ୍ରମୁଖ ଦାବି ଜଣାଇଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ରାସ୍ତା କାମ

**ଜେନାପୁର,୨୧।୪ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର କୁସୁନୁପୁର ଭାୟା ବଲାଙ୍ଗିଆକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମରାମତି ଚାଲିଛି। ମାତ୍ର ଏଠାରେ କୌଣସି ସୂଚନା ଫଳକ ଲଗା ନ ଯାଇ କାର୍ଯ୍ୟ କରାଯାଉଛି। ଏଥିସହିତ ଉକ୍ତ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି। କୌଣସି ଭାଗ ମାପରେ କାମ କରାଯାଉନାହିଁ। ଏଠାରେ ସରକାରୀ ନିୟମକୁ ଫୁ କରିଦେଇଛନ୍ତି ଠିକାଦାର। ସେହିପରି ଜଙ୍ଗଲ କିସମ ଜାଗାରୁ ମାଟି ଆସି ରାସ୍ତା କାର୍ଯ୍ୟରେ ବ୍ୟବହାର ହେଉଛି। ରାସ୍ତାରେ ଚିପ୍ସ କମ ବ୍ୟବହାର କରି ଡଷ୍ଟ ଅଧିକ ପକାଯାଉଛି। ରୋଲିଂ ହେଉନାହିଁ କି ପାଣି ମଧ୍ୟ ସିଞ୍ଚନ କରାଯାଉନାହିଁ। ଉକ୍ତ କାମକୁ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀ ମଧ୍ୟ ଆସୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ କାର୍ଯ୍ୟକୁ ଠିକ ଭାବେ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହାର ତଦନ୍ତ କରାଯିବ। ଯଦି ଅନିୟମିତତା ହେଉଥିବା ଜଣାପଡ଼ିବ ତେବେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବଲାଙ୍ଗିଆ-କୁସୁନପୁର ରାସ୍ତାକାମ ଚାଲିଛି।

## ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ କୃଷ୍ଣଚନ୍ଦ୍ର ଓଝା




ସ୍ମୃତିସଭାରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

**ବରୀ,୨୧।୪(ଡି.ଏନ.ଏ.)**

ଜନ୍ମ ଥିଲେ ମୃତ୍ୟୁ ଅଛି। ଏହା ଚିରନ୍ତନ ସତ୍ୟ। କିନ୍ତୁ ମୃତ୍ୟୁ ପରେ ବି ନିଜର କର୍ମ, ଆଦର୍ଶ, ମଣିଷପଣିଆ ଯୋଗୁ ସମାଜରେ ମନେପଡୁଥବା ପରିଚିତ ମଣିଷଟିଏ ହେଉଛନ୍ତି ବରୀ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଓଝା। ସମାଜସେବା ଓ ଶିକ୍ଷାଦାନ କରି ନିଜର ସ୍ୱତନ୍ତ୍ର ମଣିଷପଣିଆକୁ ପ୍ରତିପାଦିତ କରିବା କ୍ଷେତ୍ରରେ ସେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ ଏହି ମତ ରଖିଛନ୍ତି। ସଭାରେ ନିମାଇଁ ଚରଣ ରାୟ ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରାକ୍ତନ ବିଧାୟକ ପଦ୍ମଚରଣ ନାୟକ, ଅର୍ଜୁନ ଚରଣ ରାଉତ, ଡ. ଭାଗ୍ୟଧର ସାହୁ, ହୃଷୀକେଶ ଜେନା, ପୂର୍ବତନ ଅଧ୍ୟକ୍ଷ ନଟବର ଶତପଥୀ, ଡ. ଚିତ୍ତରଞ୍ଜନ ମହାନ୍ତି, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ଓଝାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, ଗଦାଧର କର, ରମାକାନ୍ତ ମଣ୍ଡଳ, ଦିଲୀପ କୁମାର ଦାସ, କପିଳ ଚରଣ ସାମଲ, ନିର୍ମଳ କୁମାର ଗିରି, ଆଶୁତୋଷ ପରିଡ଼ା, ପଙ୍କଜିନୀ ଉପାଧ୍ୟାୟ, ବରୀ ସାମ୍ବାଦିକ ସଂଘ ଉପଦେଷ୍ଟା ମହେନ୍ଦ୍ର ସ୍ୱାଇଁ, ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସମ୍ପାଦକ ସତ୍ୟରଞ୍ଜନ କର ଓ ସହସମ୍ପାଦକ ସୁମନ କଲ୍ୟାଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଫେଙ୍କର ସି, ବି ପ୍ଲାଣ୍ଟ ସ୍ଥାପନ ପାଇଁ ମିଳିଲା ସମର୍ଥନ

**କାଳିଆପାଣି/କଳିଙ୍ଗନଗର, ୨୧।୪ (ଡି.ଏନ.ଏ.)**

ଫେରୋ ଆଲଏଜ କର୍ପୋରେଶନ ଲିମିଟେଡ୍ (ଫେକର) ପକ୍ଷରୁ ଯାଜପୁର ଜିଲା ଦାନଗଦି ତହସିଲ ଅନ୍ତର୍ଗତ ଟମକା ଗ୍ରାମରେ ବାର୍ଷିକ ୪,୯୫,୦୦୦ ଟନ୍ କ୍ଷମତା ବିଶିଷ୍ଟ କ୍ରୋମ୍ ଓର ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଶୁକ୍ରବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ଲାଣ୍ଟ ସ୍ଥାପନ ପାଇଁ କମ୍ପାନୀକୁ ପୂର୍ଣ୍ଣ ସମର୍ଥନ ମିଳିଛି।

କମ୍ପାନୀର ସି ଓ ବି ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଟମକାସ୍ଥିତ ଖଣ୍ଡୁରାଇ ମନ୍ଦିର ପରିସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ଜନଶୁଣାଣି ଆୟୋଜନ କରାଯାଇଥିଲା। ଜନଶୁଣାଣି ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଜପୁର ଜିଲା ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଉପସ୍ଥିତି ଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ସହ ସ୍ଥାନୀୟ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ଗ୍ରାମବାସୀ ଯୋଗଦେଇ ନିଜର ଦାବି ରଖି ସମର୍ଥନ ଜଣାଇଥିଲେ। ମୋଟ ୧୪୫ ଜଣ ଲିଖିତ ଓ ୨୩ ଜଣ ମୌଖିକ ମତାମତ ରଖିଥିଲେ। କମ୍ପାନୀ ପକ୍ଷରୁ ବରିଷ୍ଠ ପରିଚାଳକ ଇଂ. ଅଜୟ ପାତ୍ର ଉପସ୍ଥିତ ରହି ଜନଶୁଣାଣି ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ସମର୍ଥନ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ସ୍ଥାୟୀନିଯୁକ୍ତି, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ ସହ ବ୍ୟାପକ ଚାରାରୋପଣ, ଜଙ୍ଗଲ ଜମିର ସୁରକ୍ଷା ପାଇଁ ଲୋକେ ଦାବି ରଖିଥିଲେ। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପରିଚାଳକ ନିଳେନ୍ଦ୍ରୀ ବିଶ୍ୱାଳ କମ୍ପାନୀ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିବା ସହ ଜନଶୁଣାଣିରେ ଆଗତ ସମସ୍ତ ଦାବିକୁ ଗୁରୁତର ସହ ନେଇ ପର୍ଯ୍ୟାୟକ୍ରମେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

କାର୍ଯ୍ୟକ୍ରମରେ କମ୍ପାନୀର ଖଣି ମୁଖ୍ୟ ମୁଥୁମାରୀ ଏମ୍, ଖଣି ପରିଚାଳକ ସାରସ୍ୱତ ନନ୍ଦ, ପ୍ରଶାସନିକ ମୁଖ୍ୟ ଅଶୋକ ସେଠୀ, ପ୍ଲାଣ୍ଟ ମୁଖ୍ୟ ଶଶିଭୂଷଣ ଚିହ୍ନାରା, ଲୋକ ସମ୍ପର୍କ ଅଧିକାରୀ ସୁଶାନ୍ତ ସାହୁ, ପରିବେଶବିତ ସୁଶାନ୍ତ ବିଶ୍ୱାଳ, ଗୋଲଖ ବଳ ଓ ଅମିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟାସ ଟପ୍ପୋ ଉପସ୍ଥିତ ଥିଲେ। କାଳିଆପାଣି, ଟମକା, ସୁକିନ୍ଦା ଓ ଦୁବୁରୀ ଥାନା ଅଧିକାରୀଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ।




ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣିରେ ଯୋଗ ଦେଇଥିବା ଅଧିକାରୀ।

## ସଂକ୍ଷେପରେ

### କାଳବୈଶାଖୀ ପ୍ରଭାବ: ଗଛ ଡାଳ ପଡ଼ି ଜଣେ ମୃତ

**ଜଗତ୍‌ସିଂହପୁର ଅଫିସ, ୨୧।୪:** ଜଗତ୍‌ସିଂହପୁର ଜିଲାରେ ଶୁକ୍ରବାର ସକାଳେ କାଳବୈଶାଖୀ ତାଣ୍ଡବ ରଚିଛି। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ଏଥିସହ ଗଛ ଡାଳ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଥାନା ପୁରୁଣାବସନ୍ତ ଗ୍ରାମର ନିରଞ୍ଜନ ପାତ୍ର (୬୫)। ଏ ସମ୍ପର୍କରେ ମୃତ ପାତ୍ରଙ୍କ ପୁଅ ସୁଶୀଲ କହିଛନ୍ତି, ତାଙ୍କ ବାପା ଏକ କାମରେ ଘରୁ ବାହାରିଥିଲେ। ସେ ଦାଣ୍ଡରେ ଥିବା ଚାକୁଣ୍ଡା ଗଛ ମୂଳେ ପରିସ୍ରା କରୁଥିବାବେଳେ ହଠାତ୍ ପବନରେ ଏକ ଡାଳ ଭାଙ୍ଗି ତାଙ୍କ ମୁଣ୍ଡ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି । କିନ୍ତୁ ବଞ୍ଚିଥିବା ଭାବି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଆନ୍ତଃ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ: ନୂଆଗଡ ଚାମ୍ପିୟନ

**ପାରାଦୀପ ୨୧।୪(ସ୍ୱ.ପ୍ର.):** ପାରାଦୀପର ଏଏମ୍‌ଏନ୍‌ଏସ(ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍)କମ୍ପାନୀ ପକ୍ଷରୁ ଉଡ଼ାନ କାର୍ଯ୍ୟକ୍ରମ ଅଧୀନରେ ୧୮ ତାରିଖରୁ ଚାଲିଥିବା ଆନ୍ତଃ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗଡ଼ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପାରାଦୀପଗଡ଼ ଓ ନୂଆଗଡ଼ ମଧ୍ୟରେ ହୋଇଥିଲା। ନୂଆଗଡ଼ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ୍ ହରାଇ ୧୧୫ ରନ୍ କରିଥିଲା। ଜବାବରେ ପାରାଦୀପଗଡ଼ ସମାନ ସଂଖ୍ୟକ ଓଭରରେ ୯ ଉଇକେଟ୍ ହରାଇ ୯୦ ରନ୍ କରି ପରାଜିତ ହୋଇଥିଲା। କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜୀ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ୧୫ ହଜାର ଓ ରନରଅପ୍ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଏସ୍‌ଆର ମୁଖ୍ୟ ବିକାଶ ଯାଦଭେନ୍ଦୁ, ପାରାଦୀପ ଲକ୍ ଥାନାଧିକାରୀ ଭାବଗ୍ରାହୀ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦୀପଗଡ଼ଠାରେ ଏକ ମିନି ଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

### ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀଙ୍କ ମାତୃ ବିୟୋଗ



**ପାରାଦୀପ ୨୧।୪(ସ୍ୱ.ପ୍ର.):** ପାରାଦୀପ ଇଫ୍‌କୋ କମ୍ପାନୀ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ମା'ପ୍ରମିଳା ବେଉରା (୯୭)ଙ୍କ ଶୁକ୍ରବାର କଟକସ୍ଥିତ ବାସଭବନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ପ୍ରମିଳା ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମରଶରୀରକୁ କେନ୍ଦ୍ରାପଡା ଜିଲା କୁସୁନପୁରସ୍ଥିତ ଗ୍ରାମରେ ସତ୍କାର କରାଯାଇଛି। ବଡପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଶୁଭେନ୍ଦୁ ଶେଖର ସ୍ୱାଇଁ, ଲିଙ୍ଗରାଜ ପତି, ସୁଶାନ୍ତ କୁମାର ଦାସ, ତରଣୀସେନ ଲେଙ୍କା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ପୋଲିସ ବାହିନୀ ନିଆଁଲିଭା କୌଶଳ ଶିଖିଲା

#### ଶେଷହେଲା ଅଗ୍ନିଶମ ସେବା ସପ୍ତାହ

**ରାଜକନିକା,୨୧।୪(ଡି.ଏନ୍.ଏ.):** ଏପ୍ରିଲ ୧୪ରୁ ୨୦ ଯାଏ ଚାଲିଥିବା ଅଗ୍ନିଶମ ସେବା ସପ୍ତାହର ଶେଷଦିନରେ ରାଜକନିକା ଥାନା ପରିସରରେ ଅଗ୍ନିବୀର ଯବାନମାନେ ନିଜର କୌଶଳ ପରାକ୍ରମ ଦେଖାଇଛନ୍ତି। ଏଥିସହ ପୋଲିସ ବାହିନୀକୁ ନିଆଁଲିଭା ପ୍ରକ୍ରିୟା ଓ ଆତ୍ମରକ୍ଷା କୌଶଳ ଶିଖାଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ, ୧୯୪୪ ଏପ୍ରିଲ ୧୪ରେ ବମ୍ବେର ଏକ ଡକ୍‌ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଶହୀଦ ହୋଇଥିବା ଅଗ୍ନିବୀର ଯବାନମାନଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ଲାଗି ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ରୁ ୨୦ ଯାଏ ଅଗ୍ନିଶମ ସେବା ସପ୍ତାହ ଦେଶବ୍ୟାପୀ ପାଳନ କରାଯାଉଛି। ରାଜକନିକା ଅଗ୍ନିଶମ ବାହିନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ପେଟ୍ରୋଲ ପମ୍ପ, ସ୍ୱାସ୍ଥ୍ୟକେନ୍ଦ୍ର ତଥା ସର୍ବସାଧାରଣ ସ୍ଥାନରେ ନିଜର କୌଶଳ ପ୍ରଦର୍ଶନ କରାଯିବା ସହ ଜନସଚେତନତା ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା।

# ଆୟଉପୁର ଗ୍ରାମବାସୀ ପାଣି ପାଇଁ ଉହଲବିକଳ

## ପମ୍ପ ହାଉସରେ ତାଲା ମାରି ପ୍ରତିବାଦ

**ଆଳି, ୨୧।୪(ଡି.ଏନ.ଏ.)**

ଦିନକୁଦିନ ଗ୍ରୀଷ୍ମ ତାତି ବୃଦ୍ଧି ପାଉଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଦେଖିବାକୁ ମିଳିଛି। ପ୍ରତିଦିନ ଜଳକଷ୍ଟ ଭୋଗୁଥିବା ଅଞ୍ଚଳବାସୀ ବିଭିନ୍ନ ଉପାୟରେ ପ୍ରତିବାଦ କରୁଥିବା ବେଳେ ବସୁଧା ପ୍ରକଳ୍ପରୁ ପାଣି ନ ପାଇ ଶୁକ୍ରବାର ପ୍ରକଳ୍ପରେ ତାଲା ପକାଇ ଗରା, ବାଲଟି ଧରି ପ୍ରତିବାଦ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କଳସପୁର ପଞ୍ଚାୟତ ଆୟଉପୁର ଗ୍ରାମବାସୀ।

ରାଜ୍ୟ ସରକାର ଘରେ ଘରେ ପାନୀୟ ଜଳ ଯୋଗାଣ ନିମନ୍ତେ ବସୁଧା ଯୋଜନାରେ ପ୍ରତି ପଞ୍ଚାୟତରେ ଆବଶ୍ୟକ ଅନୁଯାୟୀ, ଓଭର ହେଡ ଟାଙ୍କି ନିର୍ମାଣ କରି ପାଣି ଯୋଗାଇ ଦେଉଥିବା ବେଳେ କଳସପୁର ପଞ୍ଚାୟତର ୧ନଂ. ୱାର୍ଡ (ଆୟଉପୁର ଗ୍ରାମବାସୀ) ଏହି ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘଦିନ ହେବ ସରପଞ୍ଚଙ୍କୁ ପାଣି କିପରି ସେମାନଙ୍କୁ ମିଳିବ ସେ ବ୍ୟବସ୍ଥା କରିବା ନିମନ୍ତେ ଦାବି କରି ବିଫଳ ହେବା ପରେ ଶୁକ୍ରବାର ୱାର୍ଡବାସୀ ଓଭର ହେଡ ପାଣି ଟାଙ୍କି ଗେଟରେ ତାଲା ମାରି ପ୍ରତିବାଦ କରିଥିଲେ।



ଆୟଉପୁର ଗ୍ରାମବାସୀ ଓଭରହେଡ୍ ପାଣିଟାଙ୍କି ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି।

ଏଥିରେ ୱାର୍ଡର ନରୋତ୍ତମ ଜେନା, ସୁବାସ ଜେନା, ସନ୍ତୋଷ ଜେନା, କିଶୋର ଜେନା, ପୀତାମ୍ବର ଜେନା, ସର୍ବେଶ୍ୱର ଜେନା, ସୁମିତ୍ରା ଜେନା, ରୀନାରାଣୀ ଜେନା, କାଳୀ ଜେନା, ଛଇଳା ଜେନା, ଭାରତୀ ଜେନା ପ୍ରମୁଖ ସାମିଲ ହୋଇଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଆଳି ବ୍ଲକ କଳସପୁର ପଞ୍ଚାୟତର ୪ଟି ୱାର୍ଡର ଅଧିବାସୀଙ୍କ ନିମନ୍ତେ ବସୁଧା ଯୋଜନାରେ ୬୦ ହଜାର ଲିଟର ବିଶିଷ୍ଟ ଏକ ଓଭର ହେଡ୍ ପାଣିଟାଙ୍କି ପ୍ରାୟ ୨ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଏହା ନିର୍ମାଣ ହେବା ପରେ ସବୁ ୱାର୍ଡକୁ ପାଣି ଯାଉଥିବା ବେଳେ ୧ ନଂ. ୱାର୍ଡର ଲୋକମାନଙ୍କ ନିକଟରେ ପାଣି ପହଞ୍ଚୁ ନାହିଁ। ଏପରିକି ଏହି ୱାର୍ଡରେ ଥିବା ୩ଟି ନଳକୂପ ମଧ୍ୟରୁ ୨ଟି ନଳକୂପ ଅଚଳ ଥିବାରୁ ସମସ୍ତ ୱାର୍ଡବାସୀ ସେହି ଗୋଟିଏ ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି। ତେଣୁ ସେମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ କଳସପୁର ସରପଞ୍ଚ ସୁଧୀର ମଲିକଙ୍କୁ ବାରମ୍ବାର ଅଭିଯୋଗ କରିଥିବା ବେଳେ ସରପଞ୍ଚ ସେମାନଙ୍କୁ ଭୋଟ ଦେଇ ନ ଥିଲ, ପାଣି କାହିଁକି ଖୋଜୁଛ ବୋଲି କହିଥିଲେ। ଯାହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ କଳସପୁର ପଞ୍ଚାୟତର ସରପଞ୍ଚ ସୁଧୀର ମଲିକଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ଖଣ୍ଡନ କରିବା ସହ ବସୁଧା ପ୍ରକଳ୍ପରେ ତ୍ରୁଟି ଥିବାରୁ କିଛିଦିନ ହେବ ପାଣି ସମସ୍ତଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସେ କାହାକୁ ପାଣି ଦେବାରୁ ବଞ୍ଚିତ କରିନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇନାହାନ୍ତି। ଏ ନେଇ ସେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହ ଆଲୋଚନା କରି ଆୟଉପୁର ଗ୍ରାମବାସୀଙ୍କୁ କିପରି ପାଣି ସମସ୍ୟା ଦୂର ହେବ ସେ ନେଇ ତୁରନ୍ତ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ଆସାମର ୪୮ ଏସିଏଫ୍ ପ୍ରଶିକ୍ଷାର୍ଥୀ ଭିତରକନିକା ବୁଲିଲେ



ପ୍ରଶିକ୍ଷଣ ଶିବିରରେ ଆସାମରୁ ଆସିଥିବା ଏସିଏଫ୍‌ମାନେ ।

**ରାଜନଗର, ୨୧।୪(ଡି.ଏନ.ଏ.)**

ଆସାମର ବୋନିହାଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରୁ ୪୮ ଜଣ ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶିକ୍ଷାର୍ଥୀ ଦିନିକିଆ ଗସ୍ତରେ ଭିତରକନିକା ପରିଦର୍ଶନରେ ଆସିଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ସହ ଦୁଃସାହସିକ ଯାତ୍ରା କରି ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଏହି ସମୟ ଭିତରେ ରଙ୍ଗ ବେରଙ୍ଗର ପକ୍ଷୀ, ବଉଳା କୁମ୍ଭୀର ଗୋରୀ, ମଲ୍ଲୀ ଓ ଶ୍ୱେତା ସମେତ ଅନ୍ୟ ଶାବକ କୁମ୍ଭୀରଙ୍କୁ ଦେଖିଥିଲେ। ଏହାଛଡା ଶିକାରୀ କୋଠି, ପଦ୍ମ ପୋଖରୀ, ୱାଚଟାୱାର, ବନ୍ୟଜୀବ ସୁରକ୍ଷା ପାଇଁ ଶହୀଦ ହୋଇଥିବା ଶହୀଦସ୍ତମ୍ଭ, କୁମ୍ଭୀର ସ୍କେଲିଟନ, ମ୍ୟାନଗ୍ରୋଭ ମେଟା ନର୍ସରୀ, ବୋଟ୍ ଲାଇବ୍ରେରି ପ୍ରଭୃତି ଦେଖି ବିମୋହିତ ହୋଇଥିଲେ। ୬୨ ପ୍ରକାର ଲୁଣା ଗଛ ଜଙ୍ଗଲ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ। ଆସିଥିବା ଏହି ଟିମ୍‌କୁ ଏସିଏଫ ପୁନମହିରା ହାଁସଦା, ରିସର୍ଚ୍ଚର ପ୍ରସନ୍ନ କୁମାର ନାୟକ, ଭିତରକନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ଡେପୁଟି ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ନିରାକାର ବେହେରା, ସୁନୀଲ ରଞ୍ଜନ ରାଉତରାୟ ପ୍ରମୁଖ ତାଲିମ ଦେବା ସହ ବୁଝାଇଥିଲେ।

# ନୌକାବିହାର, ଭାସମାନ ବଜାର ଗଢ଼ି ହେବ



ଗୋବରୀନଦୀ।

## ଗୋବରୀ ନଦୀ ପୁନରୁଦ୍ଧାର ହେଲେ ପର୍ଯ୍ୟଟନ ପାଇଁ ଉଦ୍ଦିଷ୍ଟ ହେବ

**ପଟ୍ଟାମୁଣ୍ଡାଇ,୨୧।୪(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାକୁ ଭିତରକନିକା ଜାତୀୟ ଉଦ୍ୟାନ ଦେଶ, ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। କେନ୍ଦ୍ରାପଡ଼ା ଜିଲାର ବାଣିଜ୍ୟିକ ପେଣ୍ଠସ୍ଥଳି ପଟ୍ଟାମୁଣ୍ଡାଇ ହୋଇଥିବା ବେଳେ ଏହି ସହର ଦେଇ ଲକ୍ଷାଧିକ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲିବାକୁ ଯାଇଥାନ୍ତି। ଏକଦା ବିଜୁବାବୁଙ୍କୁ ରାଜନୀତିରେ ଜୀବନ୍ୟାସ ଦେଇଥିବା ରାଜନଗର ନିର୍ବାଚନମଣ୍ଡଳୀରେ ଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଦେଇ ଯାଇଥିବା ଗୋବରୀ ନଦୀକୁ ପୁନରୁଦ୍ଧାର କରି ନଦୀର ଉଭୟପାର୍ଶ୍ୱ ବନ୍ଧବାନ୍ଧି ପଥର ପ୍ୟାକିଂ କରାଗଲେ ଭିତର ଅଞ୍ଚଳ ଏକ ହ୍ରଦ ଭଳି ହୋଇଯିବ। ଏହାଦ୍ୱାରା ପଟ୍ଟାମୁଣ୍ଡାଇ ସହରରେ ଏକ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ବିଧାୟକ ତାପସ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇର ବିଧାୟକ ଥିବାବେଳେ ଜଳ ସମ୍ପଦ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକ ଥିଲେ। ପଟ୍ଟାମୁଣ୍ଡାଇ ପାଖ ଦେଇ ଯାଇଥିବା ଗୋବରୀ ନଦୀକୁ ଏକ ପର୍ଯ୍ୟଟନସ୍ଥଳ ଦିତୀୟ କୌଶଲ୍ୟାଗଙ୍ଗ ଓ ଭାସମାନ ବଜାର ସୃଷ୍ଟି କରିବା ନେଇ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଏ ନେଇ ତତ୍କାଳୀନ ସଚିବ ମଦନ ମୋହନ ମହାନ୍ତିଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ସଚିବ ମହାନ୍ତି ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ଏହି ଯୋଜନାର ତନଖି କରିଥିଲେ। ତାଙ୍କ ସହ ବିଧାୟକ ଦାସ ଓ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପିଟି ଶିକ୍ଷକ ଲକ୍ଷ୍ମଣ ପାଢୀ ଉପସ୍ଥିତ ଥିଲେ। ବ୍ରାହ୍ମଣୀ ନଦୀ ସହ ଗୋବରୀ ନଦୀ ସଂଯୋଗ କରାଯାଇ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳକୁ ସିଧାସଳଖ ସମୁଦ୍ରରେ ନିଷ୍କାସନ କରାଯିବ। ପର୍ଯ୍ୟଟନସ୍ଥଳୀ ଭୂସ୍ୱର୍ଗ ଇଟାଲିର ଭାସମାନ ସହର ଭଳି ଏହାର ୨ ପାର୍ଶ୍ୱର ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ଼ ଓ ମନୋରମ କରିବାକୁ ହେବ। ନଦୀର ୨ ପାର୍ଶ୍ୱରେ ବିଭିନ୍ନ ଦୋକାନ ଓ ଭାସମାନ ବଜାର ଅନୁଷ୍ଠାନ ଗଢା ଯାଇପାରିବ। ଏହି ନଦୀର ଉଭୟପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହ ପଥ ପାର୍ଶ୍ୱ ବନ ବିଥିକାରେ ପ୍ରଲୋଭିତ, ପୁଷ୍ପିତ ବନସ୍ପତିମାନ ସୃଷ୍ଟି କରାଯାଇ ପରିବେଶକୁ ଆକର୍ଷଣ କରାଇବା ସହ ପର୍ଯ୍ୟଟକମାନଙ୍କୁ ଏହା ବର୍ଷସାରା ଆକୃଷ୍ଟ କରିବାକୁ ନେଇ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହା ଜାତୀୟ ଉଦ୍ୟାନ ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକୃଷ୍ଟ କରିବା ସହ ନୌକା ବିହାରର ମଜା ମଧ୍ୟ ପର୍ଯ୍ୟଟକମାନେ ନେଇ ପାରିବେ । ଏହି ମନୋରମ ପରିବେଶକୁ ପର୍ଯ୍ୟଟକମାନେ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକଟ କରିବେ। ଏହାଦ୍ୱାରା ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲା ଶିଳ୍ପଜଗତରେ ଅନନ୍ୟ ସ୍ଥାନ ଅଧିକାର କରିବା ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସରକାର ଭାଙ୍ଗିଯିବାରୁ ଏହି ଯୋଜନା ଅଟକି ରହିଗଲା। ଯଦି ଏହି ଯୋଜନାକୁ ପୁଣି କାର୍ଯ୍ୟକାରୀ କରାଯାଏ ତେବେ ପଟ୍ଟାମୁଣ୍ଡାଇ ଏକ ପର୍ଯ୍ୟଟନସ୍ଥଳ ଭାବେ ଉଭା ହୋଇପାରିବ। ବିଜୁବାବୁଙ୍କ ସ୍ୱପ୍ନର ସାର୍ଥକତାକୁ ସତରେ ପରିଣତ କରିବାକୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସହ ଏହାକୁ ବିଜୁବାବୁଙ୍କ ନାମରେ ନାମିତ କରାଗଲେ ପ୍ରକୃତ ପକ୍ଷେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ, ଗୋପୀବଲ୍ଲଭ ତ୍ରିପାଠୀ, ପ୍ରଭାତ ବେରା, ଅନିରୁଦ୍ଧ ମଲିକ, ଲକ୍ଷ୍ମୀଧର ବାରିକ, ଅମୂଲ୍ୟ ବିଶ୍ୱାଳ, ଭୂପତି ନାୟକ ପ୍ରମୁଖ କହିଛନ୍ତି।

## ଜିଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ

**ଜଗତ୍‌ସିଂହପୁର ଅଫିସ, ୨୧।୪**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପୌରୋହିତ୍ୟ କରି ଦିବସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ବିଷୟବସ୍ତୁ ଥିଲା। ଓଡ଼ିଆ ସାହିତ୍ୟର ବିକାଶରେ ଆଦିକବି ସାରଳା ଦାସଙ୍କ ଅବଦାନ। ବିଚାରକ ଭାବେ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପିକା ବେବିନା ଦାସ ଯୋଗ ଦେଇଥିଲେ। ଆସନ୍ତା ୨୩ରେ ହେବାକୁ ଥିବା ଜିଲାସ୍ତରୀୟ ଜୟଦେବ ଜୟନ୍ତୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତିଅଧିକାରୀ ଦିଲୀପ କୁମାର ଜେନା ପରିଚାଳନା କରିଥିଲେ।

## ପାଠାଗାରର ବାର୍ଷିକ ଉତ୍ସବ

**ପାରାଦୀପ,୨୧।୪(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଗଡପଞ୍ଚାୟତ ଅଫିସ ପାଖ ଜ୍ଞାନଦୀପ ପାଠାଗାରର ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସାହିତ୍ୟ ସଂସ୍କୃତି ମିଶ୍ରିତ ଏହି ଅନୁଷ୍ଠାନର ଉତ୍ସବରେ ଅତିଥି ଭାବେ ପ୍ରଫେସର ନଟବର ଶତପଥୀ, ଗାଳ୍ପିକ ରବି ପଣ୍ଡା, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଗୋଲାପରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତି ବିନା ଗୋଟିଏ ଜାତି ଅପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ଶତପଥୀ କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ପ୍ରମୋଦ କୁମାର ବେହେରା ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଧୁରୀଣ ରାଜନେତା ଥିଲେ ଜାନକୀବଲ୍ଲଭ



ଶ୍ରଦ୍ଧ ବାର୍ଷିକୀରେ ବିଧାୟକ ସୌମ୍ୟ ପଟ୍ଟନାୟକ ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୧।୪**

ପୂର୍ବତନ ଆସାମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୮ମ ଶ୍ରାଦ୍ଧ ଦିବସ କେନ୍ଦ୍ରାପଡ଼ା ଟାଉନ ହଲ ପରିସରରେ ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ପାଳିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ହୋଇଥିଲା। ଓଡିଶା ରାଜ୍ୟ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସରିତା ସାହୁ, ଓଡ଼ିଶା ରାଜ୍ୟ ବାର ଆସୋସିଏସନ ସଭାପତି ଧରଣୀଧର ନାୟକ, ଆଳି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଚିନ୍ମୟ ପ୍ରସାଦ ବେଉରା, ବାବାଜୀ ଧଳ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସେ ଜଣେ ଏକାଧାରରେ ସାହିତ୍ୟିକ, ଖବରଦାତା ଓ ରାଜନୀତିରେ ଜଣେ ଧୁରୀଣ ରାଜନେତା ଭାବେ ଓଡ଼ିଶା ଇତିହାସରେ ନିଜକୁ ପ୍ରତିପାଦନ କରି ପାରିଥିଲେ। ଏହି ଅବସରରେ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ହରିହର କାନୁନଗୋଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପୂର୍ବରୁ ସହରର ତିନିମୁହାଣୀସ୍ଥିତ ଚଟି ପୋଲ ନିକଟରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଗ୍ରେଡ୍ ପେ ବୃଦ୍ଧି, ଲେଭୁଲ ୯ ଦାବି କଲା ଅମଲା ମଞ୍ଚ

**କେନ୍ଦ୍ରାପଡ଼ା ଅଫିସ, ୨୧।୪**

ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅମଲାଙ୍କର ଗ୍ରେଡ୍ ପେ ବୃଦ୍ଧି ସହ ୨୦୧୭ର ଓଆର୍‌ଏସ୍‌ପି ରୁଲ୍ ଅନୁଯାୟୀ ଲେଭୁଲ ୯କୁ କାର୍ଯ୍ୟକାରୀ ଦାବିରେ ଓଡ଼ିଶା ରାଜସ୍ୱ ଅମଲା ସଂଘର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ମଞ୍ଚ ସଭାପତି ଦୀନବନ୍ଧୁ ରଥ କହିଛନ୍ତି, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ତୃଣମୂଳସ୍ତରରେ ଥିବା ଅମଲାମାନେ ରାଜ୍ୟବାସୀଙ୍କୁ ସେବା ଯୋଗାଇ ଆସିଛନ୍ତି। ତେବେ ଏମାନଙ୍କ ଗ୍ରେଡ ପେ ମାଟ୍ରିକ ସ୍କେଲରେ ରହିଛି। ଯାହା ଆର୍ଥିକ ଦୁର୍ଗତିକୁ ଟାଣି ନେଇଛି। ସେହିପରି ଓଆର୍‌ଏସ୍‌ପି ରୁଲରେ କର୍ମଚାରୀଙ୍କୁ ଅର୍ଥ ଯୋଗାଇ ଦେବାକୁ ନିୟମ ଥିଲେ ମଧ୍ୟ ଏହାର ସଂଶୋଧନ କରାଯାଉନାହିଁ। ରାଜ୍ୟ ସରକାର ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ଦରମା ଅସଙ୍ଗତି ଦୂର ପାଇଁ ବିଭିନ୍ନ ସମୟରେ ମଞ୍ଚ ପକ୍ଷରୁ ସ୍ୱର ଉଠାଯାଇଛି। ଦାବିକୁ ରାଜ୍ୟ ସରକାର ଗ୍ରହଣ ନ କଲେ ମେ ୧ ତାରିଖଠାରୁ ଆନ୍ଦୋଳନ ହେବ ବୋଲି ସଭାପତି ରଥ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ପୂର୍ବରୁ ଜିଲାର ୨୦୦ରୁ ଅଧିକ ମଞ୍ଚ ସଦସ୍ୟ ଏକ ରାଲି କରିଥିଲେ।

# '୧୦୯ ନବରତ୍ନ କମ୍ପାନୀକୁ ସୁରକ୍ଷା ଦେଉଛନ୍ତି ୮୭୩୪ ଅଗ୍ନିବୀର'

## ଅଗ୍ନିଶମ ସପ୍ତାହ ଉଦ୍‌ଯାପିତ

**ପାରାଦୀପ,୨୧।୪(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ ପକ୍ଷରୁ ଗତ ସପ୍ତାହ ହେଲା ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବନ୍ଦର ଫାୟାର ସେକ୍ସନ ପାଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଅକ୍ଷତ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ସମ୍ପର୍କିତ କଳାକୌଶଳ ପ୍ରଦର୍ଶନ କରାଯାଇଥିଲା। ଦେଶର ୧୦୯ ମହାରତ୍ନ/ନବରତ୍ନ କମ୍ପାନୀର ସୁରକ୍ଷା ଦାୟିତ୍ୱରେ ଏବେ ୮୭୩୪ ଜଣ ଅଗ୍ନିବୀର ଅଛନ୍ତି। ସୁରକ୍ଷା ନିରାପତ୍ତା ପାଇଁ ପ୍ରତି କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ଏଭଳି ସଚେତନତା ଅଭିଯାନ ଏପ୍ରିଲ ୩ରୁ ୨୦ ପର୍ଯ୍ୟନ୍ତ କରିବା ପାଇଁ ଅଧ୍ୟକ୍ଷ ହାରାନ୍ଧ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା। ଏହି ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ କୁମାର ଧନ୍ୟବାଦ ଦେଇଥିଲେ।



ପାରାଦୀପ ବନ୍ଦର ଫାୟାର ସେକ୍ସନ ପକ୍ଷରୁ କଳାକୌଶଳ ପ୍ରଦର୍ଶନ କରାଯାଉଛି।

# ଖରସ୍ରୋତା ଜଳକୁ ନେଇ କକ୍ଷତ୍ୟାଗ କଲେ ବିରୋଧୀ

**ରାଜକନିକା, ୨୧।୪(ଡି.ଏନ.ଏ.)**

- ରାଜକନିକା ପଞ୍ଚାୟତ ସମିତିର ୩ୟ ଅଧିବେଶନ
- ପାନୀୟଜଳର ଉତ୍କଟ ସମସ୍ୟା
- ଡାକ୍ତର ଅଭାବ, ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବାକୁ ଆଲୋଚନା

କେନ୍ଦ୍ରପଡ଼ା ଜିଲା ରାଜକନିକା ପଞ୍ଚାୟତ ସମିତିର ତୃତୀୟ ଅଧିବେଶନ ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଧକ୍ଷା ମିନତୀ ରାଉତଙ୍କ ଉପସ୍ଥିତି ସତ୍ତ୍ୱେ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଅଧକ୍ଷତା କରିଥିଲେ। ତେବେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଅମିତା ସାହୁ ଓ ପ୍ରବୀଣା ଦାସଙ୍କ ସମେତ ରାଜକନିକାର ୨୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ।

ଅଧିବେଶନ ଆରମ୍ଭରୁ ବରୁଣାଡ଼ିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି ଖରସ୍ରୋତା ନଦୀର ଜଳ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ନଦୀରେ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରି ପ୍ରସଙ୍ଗକୁ ଆସୁଥିବା ବେଳେ ଅନ୍ୟ କିଛି ସମସ୍ୟା ଆଲୋଚନା ନ ହେଉଣୁ ଏହି ଚିରାଚରିତ ପ୍ରସଙ୍ଗ ଆପଣ ସବୁ ବୈଠକରେ ଉଠାଉଛନ୍ତି। ଆଉ କିଛି ଆଲୋଚନା ହୋଇପାରୁନାହିଁ କହି ଅନ୍ୟମାନେ ହଟ୍ଟଗୋଳ କରିଥିଲେ। ଏହାକୁ ନେଇ କିଛି ସମୟ ଗୃହରେ ହୋହଲ୍ଲା ହୋଇଥିଲା। ଏହାରି ମଧ୍ୟରେ ବିରୋଧୀମାନେ କକ୍ଷ ତ୍ୟାଗ କରିଥିଲେ। ପୁନଶ୍ଚ ବୁଝାଶୁଝା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଜେଣ୍ଡା ଅନୁସାରେ ଗାଁ ଗାଁରେ ପାନୀୟ ଜଳର ଉତ୍କଟ ସମସ୍ୟା, ଶିକ୍ଷା ବିଭାଗ ଉପରେ ବିଶେଷ ଆଲୋଚନାରେ କେଉଁ ସ୍କୁଲରେ ଶିକ୍ଷକ ଅଭାବ, କେଉଁଠାରେ ଘର ନାହିଁ, କେଉଁଠି ଛାତ ଭାଙ୍ଗି ରଡ ଦେଖାଯାଉଛି, ବିଜୁଳି ନାହିଁ, ୫-ଠିରେ ଥିବା ବିଦ୍ୟାଳୟଗୁଡ଼ିକର ସ୍ଥିତାବସ୍ଥା ସ୍ଥାନ ପାଇଥିଲା। କାଟଣା, କଣ୍ଡିଆ, କୋଇଲିପୁର, ଓଲାଭର ସମେତ ରାଜକନିକାରେ ଡାକ୍ତର ସମସ୍ୟା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ବିବେକାନନ୍ଦ ରାଉତ ଆଲୋକପାତ କରିଥିଲେ। ବିଶେଷକରି ଆବାସ ଯୋଜନା, ବିଦ୍ୟୁତ୍ ସମସ୍ୟା, ଗ୍ରାମ୍ୟ ରାସ୍ତାଘାଟ ସମସ୍ୟା, କୃଷି ସମସ୍ୟା, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ପେଗରପଡ଼ା ସମିତିସଭ୍ୟ କୃଷକମାନଙ୍କ ସମସ୍ୟାକୁ ନେଇ ଚଢେଇଖିଆ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ବିଭାଗୀୟ ଅଧିକାରୀ ଖୁବ୍‌ଶୀଘ୍ର ଏହା ହୋଇଯିବ ବୋଲି କହିଥିଲେ। ରାଜକନିକାର ୨୯ଟି ପଞ୍ଚାୟତରେ ଉତ୍କଟ ପାନୀୟ ଜଳ ସମସ୍ୟା ବିଷୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଦେଉଳତରା ସମିତିସଭ୍ୟ ବାବୁରାମ ଜେନା ଶିକ୍ଷକ ଓ ଡାକ୍ତର ଅଭାବ ଏହା ଆମ ବ୍ଲକର ସମସ୍ୟା ନୁହେଁ, ଏହା ଓଡ଼ିଶାର ସମସ୍ୟା ତେବେ ଆମ ମନ୍ତ୍ରୀଙ୍କୁ କହି ବ୍ଲକକୁ କେମିତି ଶିକ୍ଷକ ଓ ଡାକ୍ତର ଅଣାଯାଇପାରିବ ତାହାର ସୁବନ୍ଦୋବସ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ରାଜକନିକାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ବଳରାମପୁର ପଞ୍ଚାୟତ ଚାମ୍ପିୟନ ହୋଇଥିବାରୁ ତାଙ୍କୁ ମଞ୍ଚାସୀନ ଅତିଥିଗଣ ଟ୍ରଫି ସହ ସମ୍ମାନିତ କରିଥିବା ଦେଖିବାକୁ ମିଳିଥିଲା। ଅଧିବେଶନରେ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସମେତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପଞ୍ଚାୟତ ସମିତି ବୈଠକରେ କ୍ରିକେଟ ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ପଞ୍ଚାୟତ ବିକାଶ ପ୍ରଶିକ୍ଷଣ ଶିବିର

ଖଣ୍ଡପଡା,(ସ୍ୱ.ପ୍ର): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକରେ ପର୍ଯ୍ୟାୟ କ୍ରମେ ଏକ ୩ ଦିନିଆ ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ପ୍ରଥମ ପର୍ଯ୍ୟାୟରେ ବେଣାଗାଡିଆ ଓ ବଦସା ପଞ୍ଚାୟତ ଏବଂ ୨ୟ ପର୍ଯ୍ୟୟରେ ଖଳିସାହି ଓ ମର୍ଦରାଜପୁର ପଞ୍ଚାୟତ ସାମିଲ ହେବା ଏଥିରେ ପ୍ରଶିକ୍ଷକ ଭାବ କାମାକ୍ଷା ପ୍ରସାଦ ଦାସ ଓ ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଆମ ଗାଁ ଆମ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

**ସଂକ୍ଷେପରେ**

## ଅଗ୍ନିକାଣ୍ଡରେ ୨ପରିବାର ସର୍ବସ୍ୱାନ୍ତ

ଭାପୁର,୨୧।୪(ଡି.ଏନ.ଏ.): ଭାପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ୨ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ସକାଳ ୯ଟାରେ ଗୋବିନ୍ଦ ଦାଶଙ୍କ ଘରେ ମାଟି ଚୁଲିରେ ଆଖୁ ପତୁରୀରେ ରୋଷେଇ କରୁଥିବା ସମୟରେ ପାଖରେ ଥିବା ଗୁହାଳରେ ପ୍ରଥମେ ନିଆଁ ଲାଗି ଯାଇଥିଲା। ପବନ ହେଉଥିବାରୁ ଗୋବିନ୍ଦଙ୍କ ଘରେ ସହ ପାଖରେ ଥିବା ତାଙ୍କ ପୁତୁରା ତୋଫାନ ଦାଶଙ୍କ ଘରେ ମଧ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ୨ ପରିବାରର ସମସ୍ତ ଆସବାବପତ୍ର ସହିତ ଗୋଟିଏ ସ୍କୁଟି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ୪ଟି ଗୋରୁ ଓ ୨ଟି ମେଣ୍ଢା ପୋଡ଼ି ହୋଇ ଆହତ ହୋଇଛନ୍ତି। ପାଖରେ ଥିବା ପଡୋଶୀ କାହ୍ନୁ ବେହେରାଙ୍କ ଧର୍ମପତ୍ନୀ ଜୁଲୁ (୪୫)ଙ୍କ ମୁହଁ ପୋଡ଼ି ଯାଇଥିବାରୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଭାପୁର ପ୍ରାଣୀ ଚିକିତ୍ସକ ବିଭୁପ୍ରସାଦ ଶତପଥୀ ଓ କର୍ମଚାରୀ ପହଞ୍ଚି ଗାଇ ଓ ମେଣ୍ଢାଙ୍କ ଚିକିତ୍ସା କରିଥିଲେ। ଆର୍‌ଆଇ ମହେଶ୍ୱତା ପଣ୍ଡା ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ୨ ପରିବାର ଗରିବ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ହିନ୍ଦୁମାନଙ୍କର ସୁରକ୍ଷା ନେଇ ଦାବିପତ୍ର

ଖଣ୍ଡପଡା,୨୧।୪(ସ୍ୱ.ପ୍ର): ସମ୍ବଲପୁର ହନୁମାନ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଉପସ୍ଥିତ ହିନ୍ଦୁ କାର୍ଯ୍ୟକର୍ତ୍ତା ଓ ପ୍ରଶାସନିକ ଅଧିକାରୀମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନୟାଗଡ଼ ଜିଲା ହିନ୍ଦୁ ସମାଜ ଖଣ୍ଡପଡ଼ା ଶାଖା ଆରଏସ୍‌ଏସ୍ ଓ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ନିନ୍ଦା କରିବା ସହ ଏ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଗ୍ରମଣକାରୀମାନଙ୍କର ବର୍ବରତା ଯୋଗୁଁ ବାରମ୍ବାର ହିନ୍ଦୁ ସମାଜ ଆକ୍ରୋଶର ଶିକାର ହେଉଛନ୍ତି। ରାଜ୍ୟ ସରକାର ଲଘୁ ସମ୍ପ୍ରଦାୟମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରୁଥିବା ବେଳେ ହିନ୍ଦୁ ସମାଜର ସୁରକ୍ଷା ପ୍ରତି ହେୟ ମନୋଭାବ ପ୍ରଦର୍ଶନ କରୁଥିବାରୁ କାର୍ଯ୍ୟକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ହିନ୍ଦୁ ବିରୋଧୀ ଷଡ଼ଯନ୍ତ୍ରକାରୀମାନଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପରିପ୍ରେକ୍ଷୀରେ କାର୍ଯ୍ୟକର୍ତ୍ତାମାନେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାରଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଷ୍ଟ୍ରର ଓ ରାଜ୍ୟର ସୁରକ୍ଷା ନିମନ୍ତେ ରାଜ୍ୟପାଳ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ସଙ୍ଗଠନର ସଦସ୍ୟ ତଥା ଆଇନଜୀବୀ ପ୍ରିୟବ୍ରତ ମିଶ୍ର, ପରାଶର ମିଶ୍ର, ଜ୍ଞାନ ରଞ୍ଜନ ପୃଷ୍ଟି, ବସନ୍ତ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ହୋତାଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି।

# ବିବାଦୀୟ ମୋଡ଼ରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

- ଜିଲାପାଳ, ଏଡିଏମ୍‌ଙ୍କୁ ଫେରାଦ ହେଲେ ବିପକ୍ଷ ୬୦ ଛାତ୍ରୀଛାତ୍ର
- ୨ କୋଚିଂ ସେଣ୍ଟର ମଧ୍ୟରେ ବିବାଦରୁ ଅଶାନ୍ତ ଶରଣକୁଳ କଲେଜ
- ନିର୍ଯାତିତ ୨୪ ବିଜ୍ଞାନ ଛାତ୍ରୀଛାତ୍ର ଟିସି ପାଇଁ ଅଡ଼ି ବସିଲେଣି
- ମାର୍‌ପିଟ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କଲେ ସତ ପଦାକୁ ଆସିବ


ଶରଣକୁଳ କଲେଜର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଭିଯୋଗ କରି ଜିଲାପାଳ କାର୍ଯ୍ୟାଳୟରୁ ଫେରୁଛନ୍ତି।

ନୟାଗଡ଼ ଅଫିସ,୨୧।୪

ନୟାଗଡ଼ ଜିଲା ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ମାମଲା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି। ଶୁକ୍ରବାର ଜିଲାପାଳ ଓ ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ବିପକ୍ଷ ୬୦ ଛାତ୍ରୀଛାତ୍ର ଭେଟିବା ପରେ ବିବାଦ ସମାଧାନ ହେବା ବଦଳରେ ଘନୀଭୂତ ହେବାରେ ଲାଗିଛି। ବିବାଦ ପଛରେ ନୟାଗଡ଼ର ନିଷ୍ଠ ଓ ଶରଣକୁଳର ରାମକୃଷ୍ଣ କୋଚିଂ ସେଣ୍ଟରର ଭୂମିକା ଥିବା ଯୋଗୁ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଶାନ୍ତ ହୋଇ ଚାଲିଛି। ଏଭଳିସ୍ଥଳେ ଜୀବନ ପ୍ରତି ବିପଦ ଥିବାରୁ ନିର୍ଯାତିତ ୨୪ ଛାତ୍ରୀଛାତ୍ର ଆଉ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଏଣୁ ଜିଲା ପ୍ରଶାସନ ଟିସି ଦେବାର ବ୍ୟବସ୍ଥା କରାଇଲେ ନିର୍ଯାତିତ ଛାତ୍ରୀଛାତ୍ର ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିବେ ବୋଲି ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ କଲେଜରେ ନିର୍ଯାତନା ଦିଆଯାଇଛି କି ନା, କ୍ୟାରମ ଖେଳ ବିବାଦରେ କିଏ କାହାକୁ ଆଗ ମାର୍‌ପିଟ୍ କରିଛି, ତାହା ବିଦ୍ୟାଳୟର ସିସିଟିଭି ଫୁଟେଜ୍ ଯାଞ୍ଚ କଲେ ସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି।

ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଶୁକ୍ରବାର ହୋଇଥିବା ଅଭିଯୋଗ ଅନୁସାରେ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅଯଥାରେ ବଦନାମ କରା ନ ଯାଉ। ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷର ୬୦ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି, ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଗିଂ ଓ ଅନ୍ୟ ବିଷୟ ଉପରେ ଯେଉଁ ଅଭିଯୋଗ ୨୪ ଛାତ୍ରୀଛାତ୍ର କରିଥିଲେ, ସେଥିରେ ସତ୍ୟତା ନାହିଁ। ରାଗିଂ ଅଭିଯୋଗ କପୋଳକଳ୍ପିତ ଓ ଭିତ୍ତିହୀନ। ଆମ୍ଭେମାନେ ନିୟମିତ ବିଦ୍ୟାଳୟକୁ ଆସୁଛୁ। ସବୁବେଳେ ଠିକ୍‌ରେ କ୍ଲାସ୍ କରୁଛୁ। ଆମ୍ଭେ କେତେବେଳେ ହେଲେ ରାଗିଂର ଶିକାର ହୋଇନାହୁଁ। ଅଧ୍ୟାପିକାଅଧ୍ୟାପକ, ଅଧ୍ୟକ୍ଷ ଠିକ୍‌ରେ ପାଠ ପଢ଼ାଉଛନ୍ତି। ପରୀକ୍ଷାରେ କିପରି ଭଲ କରିବୁ ସେନେଇ ବ୍ୟବସ୍ଥା କରିଛନ୍ତି। ଆମ ସହପାଠୀମାନଙ୍କ ସହ କୌଣସି ବିବାଦ ନାହିଁ। ତେବେ ଯେଉଁ ୨୪ ସହପାଠୀ ଅଭିଯୋଗ ଆଣିଛନ୍ତି ସେମାନେ ନିୟମିତ କ୍ଲାସ୍ କରନ୍ତି ନାହିଁ। କ୍ଲାସ୍‌କୁ ଆସନ୍ତି ନାହିଁ। କ୍ୟାରମ ଖେଳକୁ ନେଇ ବିବାଦ ଘଟଣାରେ ଆମର ଜଣେ ସହପାଠୀଙ୍କୁ ଅପହରଣ କରାଯାଇଥିଲା। ନୟାଗଡ଼ର ଏକ କୋଚିଂ ସେଣ୍ଟର ମାଲିକ ଏହି ଅପହରଣ କରିଥିଲେ। ଏ ଘଟଣା ନେଇ ଶରଣକୁଳ ଥାନାରେ ଅଭିଯୋଗ ହୋଇ ସମାଧାନ ହୋଇଛି, ଯାହା ପଚରାଯାଇ ବୁଝାଯାଇପାରେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୪ ଛାତ୍ରୀଛାତ୍ରଙ୍କୁ ଢାଲ କରି ଉକ୍ତ ବିଦ୍ୟାଳୟରେ ରାଗିଂ ଅଭିଯୋଗ ଆଣି ଅଯଥାରେ ବଦନାମ କରାଯାଉଛି। ଆମ୍ଭେ ଅଭିଯୋଗକାରୀ ଶରଣକୁଳ ରାମକୃଷ୍ଣ କୋଚିଂ ସେଣ୍ଟର ସମେତ ଏକାଧିକ କୋଚିଂ ସେଣ୍ଟରରେ ପଢ଼ୁଛୁ। ହେଲେ ଆମକୁ କେବେହେଲେ କେହି କିଛି କହୁନାହାନ୍ତି। ଏଣୁ ଆମମାନଙ୍କ ଅଭିଯୋଗକୁ ଅଣଦେଖା କରା ନ ଯାଉ। ଉକ୍ତ ବିଦ୍ୟାଳୟର ଭବିଷ୍ୟତକୁ ଆଖିଆଗରେ ରଖି ଉପଯୁକ୍ତ ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଏ ନେଇ ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କୁ ପଚାରିବାରେ କିଛିଦିନ ତଳେ ଶରଣକୁଳ କଲେଜରେ କ୍ୟାରମ ଖେଳକୁ ନେଇ ବିବାଦ ହୋଇଥିଲା। ନୟାଗଡ଼ର ନିଷ୍ଠ କୋଚିଂ ସେଣ୍ଟର ମାଲିକଙ୍କ ଯୋଗୁ ବିବାଦ ବଢ଼ିଥିଲା। ଏ ନେଇ ଶରଣକୁଳ ପଞ୍ଚାୟତରେ ଏହାର ସମାଧାନ ହୋଇ ସାରିଛି। ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ ରାଗିଂ ନେଇ କିଛି ଅଭିଯୋଗ ମିଳିନି ବୋଲି ସେ କହିଛନ୍ତି। ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ କୁହନ୍ତି, କ୍ୟାରାମ ଖେଳକୁ ନେଇ ୨ ଛାତ୍ରଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହି ଘଟଣାରେ ନୟାଗଡ଼ ନିଷ୍ଠ କୋଚିଂ ସେଣ୍ଟରର ମାଲିକଙ୍କ ହସ୍ତକ୍ଷେପ ପରେ ବିବାଦ ଛାତ୍ର କନ୍ଦଳର ରୂପ ନେଇଥିଲା। ଏ ନେଇ ଶରଣକୁଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଏହି ଘଟଣା ସମାଧାନ କରାଇବାରେ ଭାଗ ନେଇଥିଲି। ତେବେ ସମାଧାନ ପରେ ପୁଣି ବିବାଦୀୟ ପରିସ୍ଥିତି ଦେଖା ଦେଇଛି। ଏହାର ସମାଧାନ ହେବା ଦରକାର। ଅଯଥାରେ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବଦନାମ କରାନଯାଉ ବୋଲି ସେ କହିଛନ୍ତି। ନିଷ୍ଠ କୋଚିଂ ସେଣ୍ଟରର ମାଲିକ ବିକାଶ ଷଡଙ୍ଗୀ କୁହନ୍ତି, ପିଲାଙ୍କୁ ମାରପିଟ କରାଯାଉଥିବା ଅଭିଯୋଗ ପାଇ ଶରଣକୁଳ କଲେଜକୁ ଯାଇଥିଲି। ସେଠାରେ ମାଡ ଖାଇଲି। ଗାଡି ଭଙ୍ଗାରୁଜା ହେଲା। ପରେ ବିବାଦ ଶରଣକୁଳ ଥାନାରେ ସମାଧାନ ହେଲା। ବିବାଦ ବଢ଼ାଇବା ଉଦ୍ଦେଶ୍ୟ ଆମର ନୁହେଁ। ପିଲା ଭଲରେ ପାଠ ପଢ଼ନ୍ତୁ ଆମେ ଚାହୁଁ। ଶୁକ୍ରବାର ସମାଧାନ ସଭାରେ ମୋତେ ଡକାଯାଇଥିଲା। ମୁଁ ସବୁ ପ୍ରକାରର ସହାୟତା କରିବାକୁ ରାଜି ହୋଇଛି। ପିଲାଙ୍କୁ ଟିସି ନ ଆଣିବାକୁ ବୁଝାଇବାକୁ କହିଛି। ବିବାଦ ସମାଧାନ ହୋଇଯିବାକୁ ଆମେ ଚାହୁଁଛୁ। ଆମେ ଅଶାନ୍ତି ସୃଷ୍ଟି କରିବାକୁ ଚାହୁଁ ନାହୁଁ। ରାମକୃଷ୍ଣ କୋଚିଂ ସେଣ୍ଟରର ମାଲିକ ଆଲୋକ ପ୍ରଧାନ କୁହନ୍ତି, ଆମ ଅନୁଷ୍ଠାନକୁ ଅଯାଥ ବିବାଦରେ ଛନ୍ଦି ଦିଆଯାଇଛି। ଅନୁଷ୍ଠାନକୁ କୌଣସି ଛାତ୍ରୀଛାତ୍ରକୁ ଆସିବାକୁ ବାଧ କରାଯାଉନାହିଁ ବୋଲି କହିଛନ୍ତି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ପଚାରିବାରେ ରାଗିଂ ଘଟଣାର ଅଭିଯୋଗ ଆସିବା ପରେ ଉପଜିଲାପାଳଙ୍କୁ ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ପୁଣି ପାଲଟା ଅଭିଯୋଗ ଆସିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଅଭିଭାବକ ରାଜି ହେଲେ, ପିଲାଙ୍କୁ ଅପେକ୍ଷା

ନୟାଗଡ଼ ଅଫିସ,୨୧।୪

ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦେଖା ଦେଇଥିବା ଛାତ୍ର ବିବାଦ ଓ ରାଗିଂ ଘଟଣାର ସମାଧାନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ନୟାଗଡ଼ରେ ରଣପୁର ବିଧାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅଧ୍ୟକ୍ଷ ବସନ୍ତ ରଥ, ନିର୍ଯାତିତ ୨୪ ଛାତ୍ରୀଛାତ୍ରଙ୍କର କେତେଜଣ ଅଭିଭାବକ ଓ ନିଷ୍ଠ କୋଚିଂ ସେଣ୍ଟର ମାଲିକ ବିକାଶ ଷଡଙ୍ଗୀ ଯୋଗ ଦେଇଥିଲେ। ଉକ୍ତ ମାଧ୍ୟମିକ ବିଦ୍ୟାଳୟରେ ଶାନ୍ତି ଫେରାଇ ଆଣିବାକୁ ଅଭିଭାବକ, ନିଷ୍ଠ କୋଚିଂ ସେଣ୍ଟର ମାଲିକ ରାଜି ହୋଇଛନ୍ତି। ସେମାନେ ପିଲାଙ୍କ ସହ କଥାବାର୍ତ୍ତା କରି ଏହାର ସମାଧାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ଅଭିଭାବକ ପ୍ରମୋଦ କୁଣ୍ଟୁ କୁହନ୍ତି, ଶୁକ୍ରବାର ବୈଠକ ସଫଳ ହୋଇଛି। ବିଧାୟକ, ଅଧ୍ୟକ୍ଷ ଓ ସଭାପତି ୨୪ ଛାତ୍ରୀଛାତ୍ରଙ୍କ କିଛି ଅସୁବିଧା ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁଣି ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ବୁଝାଇବେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଣ୍ଟିଂ ରାଗିଂ ସେଲ କରାଯିବ। କିଛି ଅସୁବିଧା ହେଲେ ସେଲରେ ଅଭିଯୋଗ କରାଯିବ। ଆମେ ପିଲାମାନଙ୍କୁ ବୁଝାଇବାକୁ ଉଦ୍ୟମ କରିବୁ ବୋଲି କହିଛନ୍ତି। ଏ ସମ୍ପର୍କରେ କିଛି ପିଲା ରାଜି ହେଉଥିବାବେଳେ ଅଧିକାଂଶ ରାଜି ହେଉନାହାନ୍ତି। ଜୀବନ ପ୍ରତି ଭୟ ଥିବା ଦର୍ଶାଇ କଲେଜ ଛାଡ଼ିବାକୁ ବାରମ୍ବାର କହୁଛନ୍ତି। ହେଲେ ଆମେ ବୁଝାଇବାରେ ଲାଗିଛୁ ବୋଲି ସେ କହିଛନ୍ତି।

# ବାଲ୍ୟ ବିବାହ ନିଷେଧ ପାଇଁ ସାମୂହିକ ପଦଯାତ୍ରା



ନୟାଗଡ଼ ଜଗନ୍ନାଥ ମନ୍ଦିର ପାଖରୁ ବାହାରିଥିବା ବାଲ୍ୟ ବିବାହ ନିଷେଧ ପାଇଁ ପଦଯାତ୍ରା।

ନୟାଗଡ଼ ଅଫିସ,୨୧।୪

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୟାଗଡ଼ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟ ବିବାହ ନିଷେଧ ନିମନ୍ତେ ସାମୂହିକ ପଦଯାତ୍ରା ଓ ଶପଥ ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ମମତାରାଣୀ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଏକ ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ନୟାଗଡ଼ ଜିଲା ବାଲ୍ୟ ବିବାହରେ ରାଜ୍ୟରେ ୨ୟ ସ୍ଥାନରେ ଥିବା ବେଳେ ଅକ୍ଷୟ ତୃତୀୟରେ ନାବାଳିକା ବିବାହ ରୋକିବାକୁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

## ଉତ୍କଳ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଶରଣକୁଳ,୨୧।୪(ଡି.ଏନ୍.ଏ.)

ଗୋଡ଼ିପଡ଼ା ଉତ୍କଳ ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସଭାପତି ଶରତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସିଆର୍‌ସିସି ସନ୍ତୋଷ କୁମାର କର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଶିଶୁର ଶାରୀରିକ, ମାନସିକ, ବୌଦ୍ଧିକ ତଥା ଶୈକ୍ଷିକ ପ୍ରଗତିର ମୂଳମନ୍ତ୍ର ବୋଲି କହିଥିଲେ। ସ୍କୁଲ ଅଧ୍ୟକ୍ଷା ତଥା ସମ୍ପାଦିକା ରଞ୍ଜିତାରାଣୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶ୍ରବଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଅମଲା ସଂଘର ଆନ୍ଦୋଳନ ଧମକ, ଜିଲାପାଳଙ୍କୁ ସ୍ମାରକପତ୍ର

ନୟାଗଡ଼ ଅଫିସ,୨୧।୪

ବାରମ୍ବାର ଅଭିଯୋଗ, ପ୍ରତିବାଦ ପରେ ବି ସରକାର ଦାବି ପୂରଣ କରୁ ନ ଥିବାରୁ ଅମଲା ସଂଘ ଆନ୍ଦୋଳନ କରିବାକୁ ଧମକ ଦେଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ରାଜ୍ୟ ସରକାର ୨୦୧୭ ଠାରୁ ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ବାର୍ତ୍ତାଳାପ କରିବା ସହ ଆଲୋଚନା ବିଫଳ ହୋଇଛି। ପ୍ରତିବାଦରେ ଓଡ଼ିଶା ଅମଲା ସଂଘ ଓ ମିଳିତ ଅମଲା ମଞ୍ଚର ନିଷ୍ପତ୍ତିକ୍ରମେ ଆଉ ଆଲୋଚନା ନୁହେଁ ବରଂ ଶାନ୍ତିପୂର୍ଣ୍ଣ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରିବାକୁ ହେବ ବୋଲି ମତ ପ୍ରକାଶ ପାଇଛି। ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ଜିଲାସ୍ତରୀୟ ଅମଲାମାନଙ୍କ ଦାବି ପୂରଣ ନ କରନ୍ତି ,ତେବେ ଆଗାମୀ ମେ ୧ରେ ରାଜ୍ୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତିକ୍ରମେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ନୟାଗଡ଼ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଓଝା, ଆବାହକ ଶ୍ରୀଧର କୁମାର ସାହୁ ଓ ସମ୍ପାଦକ ପଦୀପ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବିଭାଗର ଅମଲାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ଜିଲାପାଳଙ୍କୁ ଅମଲା ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ବସ୍ତିରେ ଜାଗା ମିଶନ ଯୋଜନାର ସମୀକ୍ଷା

ନୟାଗଡ଼ ଅଫିସ,୨୧।୪

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଜାଗା ମିଶନ ଯୋଜନାର ଲିଗାଲ ଆଡ଼ଭାଇଜର ସାସ୍ୱତୀ ମିଶ୍ର ଶୁକ୍ରବାର ନୟାଗଡ଼ ପୌରାଞ୍ଚଳର ଜଜାଙ୍ଗୀସାହି, ବଲରାମସାହି, ହାଟପଦା ଓ ଶିବାଜୀନଗରର ବସ୍ତିକୁ ଗସ୍ତ କରି ସଫଳ ରୂପାୟନ ଦିଗରେ ସମୀକ୍ଷା କରିଛନ୍ତି। ଭାରତ ବର୍ଷରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଯେଉଁଠାରେ ବସ୍ତି ବାସିନ୍ଦାଙ୍କ ୩୦ ବର୍ଷର ସ୍ୱପ୍ନ ପୂର୍ଣ୍ଣ ହୋଇଛି। ବସ୍ତିରେ ୪୯୦ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦିଆଯାଇଥିବା ଓ ଏଥିରୁ ୩୫୦ ବସ୍ତି ପରିବାରକୁ ଆବାସ ଯୋଜନାରେ ସ୍ଥାୟୀ ଗୃହ ଯୋଗା ଯାଇଥିବା ଜଣାପଡିଛି। ମିଶ୍ର ବସ୍ତିର ନବ କଳେବରକୁ ବୁଲି ଦେଖିଥିଲେ। ଅନ୍ୟପକ୍ଷେ ପଟ୍ଟା ପାଇ ନ ଥିବା ପରିବାରକୁ ଖୁବ୍‌ଶୀଘ୍ର ପଟ୍ଟା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ ବୋଲି କହିଥିଲେ। ଗସ୍ତ ସମୟରେ ପୌରାଧ୍ୟକ୍ଷା ନିରୁପମା ଖଟେଇ, ବସ୍ତି ମହାସଂଘ ସଭାପତି ଗଦାଧର ଜେନା, କାଉନସିଲର ଉର୍ମିଳା ଜେନା, ଲକ୍ଷ୍ମୀଧର ମହାପାତ୍ର, ସ୍ୱୟଂପ୍ରଭା ରଥ, ଗୀତାଞ୍ଜଳି ସ୍ୱାଇଁ, ମଞ୍ଜୁ ଗୁମାନସିଂ ଓ ପୂର୍ବତନ କାଉନସିଲର ନେତ୍ରାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ସମୀକ୍ଷାରେ ସାମିଲ ହୋଇଥିବା ବସ୍ତୀ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରାଯାଇଛି।

# ଉଭୟ ଗ୍ରାମବାସୀ ଜିଦ୍‌ରେ ରହିଲେ ଅଟଳ

## ୧ ବନାମ ୧୭ ଖଣ୍ଡ ଗାଁ ବିବାଦ

- ମହା ସମାଧାନ ଶିବିର ବିଫଳ
- ଉପଜିଲାପାଳ, ଏସଡିପିଓ ଫେରି ଆସିଲେ

ନୟାଗଡ଼ ଅଫିସ,୨୧।୪


ଗୁଡୁପାଙ୍ଗିରେ ମହାସମାଧାନ ଶିବିର ପ୍ରଶାସନ ସହ ଗ୍ରାମବାସୀ।

ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକର ବଳଭଦ୍ରପୁର ଓ ଢ଼ିପମାଳକୁ ସଂଯୋଗ ହେଉଥିବା ଅଧାପନ୍ତରିଆ ରାସ୍ତାକୁ ଶେଷ କରିବା ପାଇଁ ୧୭ ଖଣ୍ଡ ଗାଁ ବନାମ ଗୁଡୁପାଙ୍ଗି ୧ ଖଣ୍ଡ ଗାଁ ମଧ୍ୟରେ ୩ ବର୍ଷ ହେଲା ବିବାଦ ଲାଗି ରହିଛି। ରାସ୍ତାକୁ ପୂର୍ଣ୍ଣାଙ୍ଗ କରିବାକୁ ୧୭ ଖଣ୍ଡ ଗାଁ ଲୋକ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା, ବିକ୍ଷୋଭ କରିବା ସହ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଫେରାଦ୍ ହୋଇ ଆସୁଛନ୍ତି। ହେଲେ ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁ ବିବାଦ ସମାଧାନ ହୋଇ ପାରୁ ନାହିଁ। ଏଭଳିସ୍ଥଳେ ଭାଇଚାରା ଓ ସୁସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଗୁଡୁପାଙ୍ଗିର ମା' ବଡରାଉଳୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ମହାସମାଧାନ ଶିବିର କରାଯାଇ ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦର ସମାଧାନ ପାଇଁ ଆଗେଇ ଆସିଥିଲେ। ତେବେ ମହାସମାଧାନ ଶିବିରକୁ ୧୭ ଖଣ୍ଡ ଗାଁ ଲୋକ ନ ଆସି ଦେଉଳିର ଗାଇ ଚରାପଡିଆର ବରଗଛ ମୂଳେ ଅଟକି ରହିଥିଲେ। ବିନା ନିମନ୍ତ୍ରଣରେ ସେମାନେ ଯିବେ ନାହିଁ ବୋଲି ଅଡି ବସିଥିଲେ। ଗୁଡୁପାଙ୍ଗି ଲୋକ ମହାସମାଧାନ ଶିବିରରେ ଯୋଗ ଦେଇଥିଲେ। ହେଲେ ୧୭ଖଣ୍ଡ ଗାଁ ଲୋକଙ୍କୁ ମହାସମାଧାନ ଶିବିରକୁ ଆସିବାକୁ ନିମନ୍ତ୍ରଣ କଲେ ନାହିଁ। ମହା ସମାଧାନ ଶିବିରରେ ଆଲୋଚନାରେ ଯୋଗ ଦେବା ପାଇଁ ଉଭୟପକ୍ଷ ପରସ୍ପର ଜିଦ୍‌ରେ ରହିବାରୁ ପ୍ରଶାସନର ଉଦ୍ୟମ ବିଫଳ ହୋଇଛି। ଏଣୁ ଉପଜିଲାପାଳ, ନୟାଗଡ ଏସ୍‌ଡିପିଓ, ନୟାଗଡ ସଦର ଥାନା ଆଇଆଇସିଙ୍କ ସମତେ ସମସ୍ତେ ଫେରି ଆସିଛନ୍ତି।

ପ୍ରକାଶଥାଉ କି ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ବିବାଦର ମୂଳ କାରଣ। ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୬ ବର୍ଷ ହେଲା ବିବାଦ ଲାଗି ରହିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଉଭୟ ଗାଁକୁ ବୁଝାଶୁଝା କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗୁଡୁପାଙ୍ଗୀ ଲୋକ ଜିଲା ପ୍ରଶାସନର ବିଭିନ୍ନ ବୈଠକକୁ ଆସୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଏପରିସ୍ଥଳେ ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର କ୍ଲିୟରାନ୍ସ ପାଇବା ପରେ ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ରାସ୍ତା ବିବାଦ ଘଟଣାକୁ ନୟାଗଡ଼ ଜିଲା ପ୍ରଶାସନ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଏପରିକି ୨୦୨୨ ଜୁନ ୨୧ରେ ବିବାଦୀୟ ବଳଭଦ୍ରପୁର ଓ ଢ଼ିପମାଳ ୩ କମି ରାସ୍ତାକୁ ନିର୍ମାଣ କାମ ଆରମ୍ଭ କରିଥିଲା। ଗୁଡୁପାଙ୍ଗିର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଦେଇ କିଛି ରାସ୍ତା କାମ ସେହି ମାସ ୨୩ ରେ ଶେଷ ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ୧୪୪ ଧାରା ୨୦୨୨ ଜୁନ ୧୬ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଲାଗୁ ହୋଇଥିଲା। ୩ଦିନ ଧରି ୩ ମାଜିଷ୍ଟ୍ରେଟ, ୭ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇ ରାସ୍ତା ନିର୍ମାଣ କରାଯାଇଥିଲା। ରଥଯାତ୍ରା ମୁଣ୍ଡ ଉପରେ ଥିବାରୁ ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରାସ୍ତା କାମ ହୋଇ ପାରି ନ ଥିବାରୁ ୧୭ ଖଣ୍ଡ ଗାଁ ଲୋକ ଆନ୍ଦୋଳନ କରିବାକୁ ସଜବାଜ ହୋଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବୁଝାଶୁଝା ପରେ ରାସ୍ତାରୋକୋ ଆନ୍ଦୋଳନକୁ ବାତିଲ ହୋଇଥିଲା। ପରେ ୧୭ ଖଣ୍ଡର ଗାଁ ଲୋକ ଉପଜିଲାପାଳ, ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରି ଆସୁଥିଲେ। ପ୍ରଶାସନ ପକ୍ଷରୁ ଉଭୟ ଗାଁ ସହ ଯୋଗାଯୋଗ କରି ଶୁକ୍ରବାର ମହାସମାଧାନ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ଆସିବାକୁ ଗୁଡୁପାଙ୍ଗି ଲୋକ ନିମନ୍ତ୍ରଣ କରିବାକୁ ୧୭ ଖଣ୍ଡ ଗାଁ ଲୋକ ଅଡି ବସିଥିଲେ। ଗୁଡୁପାଙ୍ଗି ଲୋକ ଯୁକ୍ତି ବାଢ଼ିଥିଲେ ଆମେ କାହିଁକି ନିମନ୍ତ୍ରଣ କରିବୁ। ସେମାନେ ମନକୁ ମନ ଆସନ୍ତୁ। ଶିବିରରେ ଭାଗ ନେଇ ବୁଝାଶୁଝା କରିବାକୁ ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୟାଗଡ଼ସଦର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ମାଳିସାହି ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କଅଁର ଉପସ୍ଥିତ ଥିଲେ। ଏ ନେଇ ୧୭ ଖଣ୍ଡ ଗାଁର ସମ୍ପାଦକ ଦେବରାଜ ବରାଡ କୁହନ୍ତି, ଶିବିର ବିଫଳ ହେବା ପ୍ରଶାସନର ଅପାରଗତା ପ୍ରମାଣିତ କରୁଛି। ବିବାଦର ସମାଧାନ ପାଇଁ ଉଭୟପକ୍ଷ ମଧ୍ୟରେ ପ୍ରଶାସନ ଠିକ୍ ଭାବେ ଆଲୋଚନା କରି ନ ପାରି ଶିବିର କରିବାରୁ ବିଫଳ ହୋଇଛି। ଭାଇଚାରା ସୃଷ୍ଟି କରି ଉଭୟଙ୍କୁ ମିଳାମିଶା କରିବାକୁ ହେଲେ ଉଭୟପକ୍ଷର ୫ଜଣଙ୍କୁ ଡକାଇ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲୁ ପ୍ରଶାସନ ଶୁଣିଲା ନାହିଁ। ପ୍ରଶାସନ ଠିକ୍ ନିଷ୍ପତ୍ତି ନ ନେବାରୁ ୧୭ ଖଣ୍ଡ ଗାଁର ଲୋକ ଅପମାନିତ ହୋଇ ଚାଲିଛନ୍ତି। ଗୁଡୁପାଙ୍ଗିର ସଭାପତି ନବ ପାଟଶାଣୀ, ସଭ୍ୟ ଜ୍ଞାନ ପ୍ରକାଶ ବରାଡ ଓ ଶିଖର ନାୟକ କୁହନ୍ତି, ୨୦୧୭ରୁ ରାସ୍ତା ବିବାଦକୁ ନେଇ ଆମ ଗାଁ ଓ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦ ଲାଗି ରହିଛି। ଜିଲା ପ୍ରଶାସନର ଉଦ୍ୟମକ୍ରମେ ଆମେ ଶିବିରକୁ ସ୍ୱାଗତ କଲୁ। ଏଥିପାଇଁ ଟେଣ୍ଟ, ଭୋଜି ଭାତ କରି ଶିବିରରେ ୧୭ ଖଣ୍ଡ ଗାଁକୁ ଅପେକ୍ଷା କଲୁ। ହେଲେ ଗାଁଲୋକ ନିମନ୍ତ୍ରଣ ନ କଲେ ଆସିବେ ନାହିଁ ବୋଲି ଯୁକ୍ତି ବାଢ଼ି ଶିବିରକୁ ଆସିଲେ ନାହିଁ। ଏଣୁ ଆମର ଲକ୍ଷାଧିକ ଟଙ୍କା କ୍ଷତି ହେଲା। ଆମ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହେବା ଜାଣି ଗାଁ ଲୋକ ଖୁସି ଥିଲୁ। ହେଲେ ୧୭ ଖଣ୍ଡ ଗାଁ ଲୋକ ସହଯୋଗ କଲେ ନାହିଁ। ଏଣୁ ଏ ନେଇ ଉପଜିଲାପାଳ ଓ ଜିଲାପାଳଙ୍କୁ ପୁଣି ଲିଖିତ ଭାବେ ଅବଗତ କରାଇଛୁ। ଆଇଆଇସି ଖଣ୍ଡାୟତରାୟ କୁହନ୍ତି, ଉଭୟପକ୍ଷଙ୍କୁ ଶିବିରକୁ ଡକା ଯାଇଥିଲା। ହେଲେ ପରସ୍ପର ଜିଦ୍‌ରେ ରହିଥିଲେ। ପ୍ରଶାସନ ଶାନ୍ତି ପାଇଁ ଚେଷ୍ଟା କରି ବିଫଳ ହେବାରୁ ଫେରି ଆସିବାକୁ ବାଧ ହୋଇଛି।

